# ‘ଛାତ୍ରୀଛାତ୍ର ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ରଖିବା ଜରୁରୀ’

■ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ

■ ଅଂଶଗ୍ରହଣ କଲେ ୧୭୦ ଛାତ୍ରୀଛାତ୍ର



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ପ୍ରାଧ୍ୟାପିକା, ପ୍ରାଧ୍ୟାପକ।

**ବାଲେଶ୍ୱର, ୪।୫(ବାଞ୍ଛାନିଧି ଦେ):**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଶେଷ ହେବ। ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ ଓ ପୁରାତତ୍ତ୍ୱ, ମାନବଶାସ୍ତ୍ର, ପ୍ରୟୋଗମୂଳକ ମନୋବିଜ୍ଞାନ, ସାମ୍ବାଦିକତା ଓ ଗଣମାଧ୍ୟମ, ଜନସଂଖ୍ୟା ଅଧ୍ୟୟନ ଏବଂ ସମାଜ କାର୍ଯ୍ୟ ବିଭାଗମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆଧାରିତ ଅଧ୍ୟୟନ, ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ଏବଂ ସମକାଳୀନ ସାମାଜିକ ଚିତ୍ର ସହ ସମ୍ପୃକ୍ତ ହେବା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ପ୍ରାରମ୍ଭରେ ପ୍ରଫେସର ପବିତ୍ର ମୋହନ ନାୟକ ଏହାର ଶିକ୍ଷାଗତ ମହତ୍ତ୍ୱ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ଅନୁଭବମୂଳକ ଶିକ୍ଷା ଶିକ୍ଷାଗତ କୁଶଳତାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏହି କାର୍ଯ୍ୟକ୍ରମର ସୁଯୋଗଗୁଡ଼ିକୁ ସକ୍ରିୟ ଭାବେ ନିୟୋଜିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିଥିଲେ। ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗ ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ, ଜନସଂଖ୍ୟା ଅଧ୍ୟୟନ ଓ ସମାଜ କାର୍ଯ୍ୟ ବିଭାଗର ଡ଼. ଗ୍ରେସ ବାହାଲେନ ମୁଣ୍ଡୁ, ମାନବଶାସ୍ତ୍ର ବିଭାଗର ଡ଼. ସଚ୍ଚିଦାନନ୍ଦ ସା, ପ୍ରୟୋଗମୂଳକ ମନୋବିଜ୍ଞାନ ବିଭାଗର ଡ଼. ରାଜଶ୍ରୀ ଦତ୍ତ, ଇତିହାସ ଓ ପୁରାତତ୍ତ୍ୱ ବିଭାଗର ଡ଼. ଶିଖାଶ୍ରୀ ରାୟ, ଅର୍ଥନୀତି ବିଭାଗର ଡ଼.ଗୀତାଞ୍ଜଳି ପଣ୍ଡା, ରାଜନୀତି ବିଜ୍ଞାନ ବିଭାଗର ଡ଼. ସ୍ମୃତିସିକ୍ତା ଥାପା ଯୋଗଦେଇ ନିଜ ନିଜ ବିଭାଗର ବିଭିନ୍ନ ଦିଗ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସାମାଜିକ ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅନୁଶାସନିକ ପ୍ରବୃତ୍ତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ୧୭୦ଜଣ ଛାତ୍ରୀଛାତ୍ରଙ୍କ ସହ ଏକ ଆଲୋଚନାମୂଳକ ଅଧିବେଶନ ଆୟୋଜିତ ହୋଇଥିଲା। ଯେଉଁଥିରେ ସେମାନେ ଇଣ୍ଟର୍ନଶିପ୍ ପ୍ରତି ନିଜ ଆଶା ଓ ଶିକ୍ଷାଗତ ରୁଚିମାନଙ୍କୁ ଅଭିବ୍ୟକ୍ତ କରିଥିଲେ । ଶେଷରେ ଡ଼କ୍ଟର ଯଶସ୍ୱୀ ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୯ ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର, ୪।୫( ବାଞ୍ଛାନିଧି ଦେ): ଚଳିତବର୍ଷ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ଅନୁଷ୍ଠିତ ହେବ। ବାଲେଶ୍ୱର ଜିଲା ଅଦାଲତ ପରିସର ସମେତ ଜଳେଶ୍ୱର, ନୀଳଗିରି, ସୋର ଓ ବସ୍ତା ତାଲୁକ ଆଇନସେବା ସମିତି, ଔପଦା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏବଂ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟରେ ଏହି ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଦେୱାନୀ, ଫୌଜଦାରୀ (ସାଲିସଯୋଗ୍ୟ), ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅଂଶଗ୍ରହଣ କରିବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି।

### ପ୍ରାକ୍ତନ ପ୍ରାଧ୍ୟାପକଙ୍କ ପରଲୋକ



ଖଇରା, ୪।୫(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ କାକୁଡିଆ ଗ୍ରାମର ପ୍ରାକ୍ତନ ପ୍ରାଧ୍ୟାପକ ଡ. ମାନସ ରଞ୍ଜନ ଲେଙ୍କା(୭୪)ଙ୍କ ପରଲୋକ ହୋଇଯାଇଛି। ହୃଦ୍‌ଘାତ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସେ ଭଦ୍ରକ କଲେଜରୁ ପ୍ରାଣୀବିଜ୍ଞାନ ମୁଖ୍ୟଭାବେ ଛାତ୍ରୀଛାତ୍ରଙ୍କ ପ୍ରିୟଭାଜନ ହୋଇଥିଲେ। ଅଭିଜ୍ଞସମ୍ପନ୍ନ ଯୋଗୁ ତାଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ ସଦସ୍ୟ ରହି ଶିକ୍ଷାବ୍ୟବସ୍ଥାରେ ସୁଧାର ପାଇଁ ପ୍ରୟାସ ଜାରି ରଖିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ସରୋଜ କୁମାର ଲେଙ୍କାଙ୍କ ସମେତ ବହୁ ଛତ୍ରୀଛାତ୍ର, ଶୁଭେଚ୍ଛୁ, ସହପାଠୀ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବସ୍ତାରେ ଭାଜପାର ବିଜୟ ଉତ୍ସବ

ଗାନ୍ଧିଛକ, ୪।୫(ଦିଲୀପ ପଣ୍ଡା): ପଶ୍ଚିମବଙ୍ଗରେ ଆଶାତୀତ ସଫଳତା ମିଳିବାର ପରେ ବସ୍ତା ଭାଜପା ପକ୍ଷରୁ ସୋମବାର ଗାନ୍ଧୀଛକଠାରୁ ବସ୍ତା ମାର୍କେଟ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ କର୍ମୀମାନେ ବାଣ ଫୁଟାଇ ବାଜା ବଜାଇ ନୃତ୍ୟ କରିଥିଲେ। ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ବହୁ ଯୁବକ ଓ ମା’ ମାନେ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଅଣ୍ଡିଆ, ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ଦେବାଶିଷ କବି, ଦିଲୀପ ପଣ୍ଡା, ଅଭିରାମ ମଲ୍ଲିକ, ପ୍ରସନ୍ନ ପଣ୍ଡା, ଉମାକାନ୍ତ ବେଜ, ମନୋଜ ବେହେରା ଓ ସୁଷମା ନାୟକ ପ୍ରମୁଖ ଯୋଗଦେଇଥିଲେ।

## ବର ୭୦କୁ କନିଆଁ ୬୬

# ପରିଣତ ବୟସରେ ଜୀବନସାଥୀ



ବର ଓ କନିଆଁ ସହ ଭୋଲାଭଣ୍ଡାରୀ ଅନ୍ନଦାତା ପରିବାର ଓ ଗ୍ରାମବାସୀ।

**ଜଳେଶ୍ୱର, ୪।୫(ନବୀନ ସାହୁ):**

ଯାଯାବର ଜୀବନରୁ ଆରମ୍ଭ ହୋଇଥିଲା ପ୍ରେମ କାହାଣୀ, ଆଉ ଏବେ ତାହା ପରିଣତ ହୋଇଛି ବିବାହ ବନ୍ଧନରେ। ବର ୭୦କୁ କନିଆ ୬୬। ଜଳେଶ୍ୱର ଅଞ୍ଚଳରେ ଏଭଳି ନିଆରା ବିବାହ ଦେଖିବାକୁ ମିଳିଛି। ବର ଚୈତନ୍ୟ ସୋରେନଙ୍କ ହାତ ଧରିଛନ୍ତି ଚମ୍ପା ସୋରେନ। ରାଇବଣିଆ ଅଞ୍ଚଳର ଚୈତନ୍ୟ ଜଣେ ଦିବ୍ୟାଙ୍ଗ ଓ କୁଷ୍ଠରୋଗୀ। ପରିବାରଶୂନ୍ୟ ଚୈତନ୍ୟ ଜଳେଶ୍ୱରରେ ଯାଯାବର ଭାବେ ବୁଲୁଥିବା ବେଳେ ‘ଭୋଲାଭଣ୍ଡାରୀ ଅନ୍ନଦାତା ପରିବାର’ ତାଙ୍କୁ ସହାୟତାର ହାତ ବଢ଼ାଇ ଏକ ଅସ୍ଥାୟୀ ପଲିଥିନ ଘର କରିଦେଇଥିଲେ। ଅନ୍ୟପଟେ ହାତୀଗଡ଼ ଅଞ୍ଚଳର ଚମ୍ପା ସୋରେନ ନିଜ ପୁଅ-ବୋହୂଙ୍କ ତାଡ଼ନା ସହି ନ ପାରି ଘର ଛାଡ଼ି ପଳାଇ ଆସିଥିଲେ। ପ୍ରାୟ ବର୍ଷକ ତଳେ ବଡ଼ବଜାର ପୋଲ ଉପରେ ଦୁହିଁଙ୍କର ଭେଟ ହୋଇଥିଲା। ସେଇଠୁ ଆରମ୍ଭ ହୋଇଥିଲା ସୁଖ-ଦୁଃଖ ବାଣ୍ଟିବାର ସମ୍ପର୍କ। ସାମାଜିକ ସ୍ୱୀକୃତି ଓ ବିବାହ ଉତ୍ସବ ଉଭୟ ଏକାଠି ରହୁଥିବାରୁ ସାମାଜିକ ସ୍ତରରେ ଚର୍ଚ୍ଚା ହେବା ପରେ, ସେମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ସୁଯୋଗ ଦେଇଥିଲା ‘ଭୋଲାଭଣ୍ଡାରୀ ଅନ୍ନଦାତା ପରିବାର’। ସଙ୍ଗଠନର ପ୍ରତିଷ୍ଠାତା ହରିଶଙ୍କର ପଣ୍ଡାଙ୍କ ଉଦ୍ୟମରେ ଶାସନବାର୍ଡସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହର ସାକ୍ଷୀ ରହିଥିଲେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ। ନୂତନ ଦମ୍ପତିଙ୍କୁ ସଙ୍ଗଠନ ପକ୍ଷରୁ ନୂଆ ଲୁଗାପଟା, ମଉଡ଼, ମଶିଣା ଓ ଜୋତା ସମେତ ଅନ୍ୟାନ୍ୟ ଆବଶ୍ୟକ ଗୃହ ଉପକରଣ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ‘ଜୀବନର ଶେଷ ସମୟରେ କେହି ଜଣେ ସାଥୀ ହୋଇ ରହିବା ସବୁଠୁ ବଡ଼ ସନ୍ତୋଷ’ ଏହି ବାର୍ତ୍ତା ସହ ଏହି ନିଆରା ବିବାହ ଏବେ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ମୁହଁରେ ପ୍ରଶଂସା ସାଉଁଟୁଛି।

# ବାଲେଶ୍ୱର ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

**ବାଲେଶ୍ୱର, ୪।୫ (ମୃତ୍ୟୁଞ୍ଜୟ ପଟ୍ଟନାୟକ):**

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୭ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୧୫୪ଟି ବ୍ୟକ୍ତିଗତ ଏବଂ ୯ଟି ସାମୁହିକ ଅଭିଯୋଗ ହୋଇଥିଲା। ଆଉ ୪ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୩ଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ ସଂଜୟ କୁମାର ରାଉତ, ମୁଖ୍ୟ ଜିଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ ଦାସଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




ଅଭିଯୋଗ ଶୁଣାଣି ବେଳେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଅଭିଯୋଗକାରୀ।

## ମାଟ୍ରିକ୍ ପରୀକ୍ଷାଫଳ: ଭୋଗରାଇ ବ୍ଲକ

# ପାସ୍ କଲେ ୩୪୫୭, ୭୯ ଅକୃତକାର୍ଯ୍ୟ

**ଭୋଗରାଇ, ୪ ।୫ ( ପ୍ରଦୀପ ଦାସ ):**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ମାଧ୍ୟମିକ ଶିକ୍ଷକ ସଂଘ ସନ୍ତୋଷ ପ୍ରକାଶ କରିଛନ୍ତି। ଭୋଗରାଇ ବ୍ଲକରେ ୩୫୩୬ଜଣ ଫର୍ମ ପୂରଣ କରିଥିବା ବେଳେ କୌଣସି କାରଣବଶତଃ ୬୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଏଥିମଧ୍ୟରୁ ଏ-୧ରେ ୩୯, ଏ -୨ରେ ୧୬୫, ବି- ୧ରେ ୪୪୧, ବି-୨ରେ ୭୧୫, ସିରେ ୮୭୧, ଡିରେ ୭୦୫, ଇରେ ୪୩୧ଜଣ ପାସ୍ କରିଛନ୍ତି। ୭୯ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। ବ୍ଲକ ଟପ୍ପର ଭାବେ ଆରଏନ୍ ଏକାଡେମୀ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ନିରୁପମା ପଡାଇ ୫୬୮ ମାର୍କ ରଖିଥିବା ବେଳେ ଡିଟିଏଲକେ ସରକାରୀ ଉଚ୍ଚ ବିଦ୍ୟାଳୟ, ତେଘରୀର ଛାତ୍ରୀ ଶୁଭଶ୍ରୀ ସାହୁ ୫୬୭ ମାର୍କ ରଖି ବ୍ଲକର ୨ୟ ହୋଇଛନ୍ତି। ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖାରୀର ଛାତ୍ର ଗୌରଗୋପାଳ ଦାସ ୫୫୯ ମାର୍କ ରଖି ବ୍ଲକରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି ପରୀକ୍ଷା ଫଳ ପ୍ରକାଶ ପରେ ମାଧ୍ୟମିକ ଶିକ୍ଷକ ସଂଘ, ଶିକ୍ଷାପ୍ରେମୀ, ଅଭିଭାବକ ସନ୍ତୋଷ ପ୍ରକାଶ କରିଛନ୍ତି। ଓଷ୍ଟାର ବ୍ଲକ ସଭାପତି ମହେଶ୍ୱର ଗିରି, ସମ୍ପାଦକ ଶାଶ୍ୱତ କୁମାର ଜେନା କୃତୀ ଛାତ୍ରୀଛାତ୍ରଙ୍କୁ ତାଙ୍କର ସାଧନାର ସିଦ୍ଧି ନିମନ୍ତେ ଅଭିନନ୍ଦନ ଜଣାଇବା ସହିତ ଉତ୍ତରୋତ୍ତର କାମନା କରିଛନ୍ତି।

# ହସ ପରିବାରର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର, ୪।୫ (ମୃତ୍ୟୁଞ୍ଜୟ ପଟ୍ଟନାୟକ):**

ବିଶ୍ୱ ହାସ୍ୟଦିବସ ଉପଲକ୍ଷେ ବାଲେଶ୍ୱର ହସପରିବାର ପକ୍ଷରୁ ସ୍ଥାନୀୟ ଆତିଥ୍ୟ ଭବନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଆୟୋଜିତ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟା, ସଭ୍ୟ ଏବଂ ସେମାନଙ୍କର ପରିଚିତ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଭାତ କୁମାର ଚୌଧୁରୀ ଯୋଗଦେଇ ହସ ହିଁ ଆମର ସୁଦୀର୍ଘ ଓ ସୁସ୍ଥ ନିରାମୟ ଜୀବନର ମୂଳ ଉପାଦାନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼. ଦେବାଶିଷ ପାତ୍ର ମଣିଷ ସୁସ୍ଥ ଜୀବନଧାରଣରେ ହସର ବିଶେଷ ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ସଦସ୍ୟ ଡ଼ ପ୍ରଦୀପ ଭୌମିକ, ଡ. ଅରବିନ୍ଦ ଗିରି ଯୋଗଦେଇ ବିଶ୍ୱ ହସ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନ ସଭାପତି ଅନୀଲ କୁମାର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ହସଭରା ଜୀବନର ଉପାଦେୟତା ତଥା ବାଲେଶ୍ୱର ହସ ପରିବାରର ସାଙ୍ଗଠନିକ ଦାୟିତ୍ୱ ବିଷୟରେ ଅଭିମତ ରଖିଥିଲେ। ଶାରୀରିକ ବ୍ୟାୟାମ ପ୍ରଶିକ୍ଷକ ମନୋଜ କୁମାର ଦାସ, ଗୋପାଳ ଚନ୍ଦ୍ର ଦାସ ଏବଂ ହାସ୍ୟକାର ବିଶୁ ବାଦଶାହ ଓ ପଦ୍ମଲୋଚନ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ରଶ୍ମିରଞ୍ଜନ ମହାପାତ୍ର। ଧରିତ୍ରୀ ମିଶ୍ର ଓ ତାଙ୍କର ସହଯୋଗୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନ ସଦସ୍ୟ ନୀଳମଣି ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଦୀନବନ୍ଧୁ ଦାସ ଧନ୍ୟବାଦ ଦେଇଥିଲେ। ସଭା ପରେ ଅନୁଷ୍ଠାନ ପକ୍ଷରୁ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅଭିଭାବକ, ଶିକ୍ଷକମାନଙ୍କ ଉଦ୍ୟମ ହିଁ ସଫଳତା ଆଣିଥାଏ



ଅତିଥିମାନଙ୍କ ଗହଣରେ ସମ୍ମାନିତ କୃତୀ ଛାତ୍ରୀଛାତ୍ର।

## ‘ଆମ ବିଦ୍ୟାଳୟର ଗର୍ବ ଓ ଗୌରବ’ ଉତ୍ସବ

**ସିମୁଳିଆ, ୪।୫ (ସନ୍ତୋଷ କୁମାର ନାୟକ):**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ‘ଆମ ବିଦ୍ୟାଳୟର ଗର୍ବ ଓ ଗୌରବ’ ଉତ୍ସବ ପରିପ୍ରେକ୍ଷୀରେ ଏହି ବିଦ୍ୟାମନ୍ଦିରର ୫ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ମାଟ୍ରିକ ପରୀକ୍ଷାରେ ‘ଏ’ ଗ୍ରେଡରେ କୃତିତ୍ୱ ଅର୍ଜନ କରିଥିବା ଅଭିଲାଷ ମହାନ୍ତି, ଆକାଂକ୍ଷା ନାୟକ, ଦିବ୍ୟଦର୍ଶନୀ ସାହୁ , ସାଇଜ୍ୟୋତି ମହାନ୍ତି ଓ ଶୁଭ୍ରାଂଶୁ ଜେନା ଓ ପ୍ରାଦେଶିକ ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରିଥିବା ନିତିଶ ଭାରତୀ ଓ ନିତେଶ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିଶୁ ମନ୍ଦିର ସଭାପତି ହୃଷିକେଷ ପଣ୍ଡାଙ୍କ ଅଧ୍ୟକ୍ଷତା କରିବା ସହିତ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉଦ୍ୟମରେ ହିଁ ଛାତ୍ରୀଛାତ୍ରମାନଙ୍କୁ ସଫଳତା ମିଳିଥାଏ ବୋଲି କହିଥିଲେ। ସେହିପରି ଅତିଥି ରୂପେ ଅବସର ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଜୀବନରେ ପ୍ରତ୍ୟେକ ପରୀକ୍ଷାରେ ସଫଳ ହେବା ପାଇଁ ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ମହାପାତ୍ରଙ୍କ ସମେତ ବିଭିନ୍ନ ଅଭିଭାବକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ଓ ଉତ୍ସବର ଆଭିମୁଖ୍ୟ ଓ ଗୁରୁମା ଶକୁନ୍ତଳା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ତ୍ରଧ୍ୱନିରେ କମ୍ପିଲା ଖଇରା ଦୁର୍ଗାମଣ୍ଡପ

## ଆଖଣ୍ଡଳେଶ୍ୱର ଗୀତାଯଜ୍ଞ

**ଖଇରା,୪।୫(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଅଧୀନ ଖଇରା ଦୁର୍ଗାମଣ୍ଡପ ପରିସରରେ ଶୁକ୍ରବାର ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ଭଜନ କୀର୍ତ୍ତନ ସାଙ୍ଗକୁ ମନ୍ତ୍ରଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ୨୧ଜଣ ଦମ୍ପତିଙ୍କ ଦ୍ୱାରା କଳସ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ପଣ୍ଡିତ ନରସିଂହ ପାଣି, ପ୍ରଫୁଲ୍ଲ ତ୍ରିପାଠୀ, ଶଶାଙ୍କ ଶେଖର ପତ୍ରୀ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗୀତାପାଠ କରାଯାଇଥିଲା। ଏହି ଅବସରରେ ଯଜ୍ଞ ସହିତ ଆରମ୍ଭରୁ ଜଡିତ ଥିବା କେଶବ ଚରଣ ସାହୁ, ସନ୍ତୋଷ କୁମାର ଶତପଥୀ, ନେମାଳ ଆଗତ ସନ୍ଥ ନାରାୟଣ ବାବା, ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ, ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ତଥା ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଯଜ୍ଞକମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଯଜ୍ଞକୁ ସହଯୋଗ କରିଆସିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଣିଜ୍ୟ ଟପ୍ପର ସଞ୍ଜୟଙ୍କୁ ସମ୍ବର୍ଦ୍ଧନା



ବାଣିଜ୍ୟ ଟପ୍ପର ସଞ୍ଜୟଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

**ସିମୁଳିଆ, ୪।୫ (ସନ୍ତୋଷ କୁମାର ନାୟକ):**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବାଣିଜ୍ୟ ସ୍ନାତକ ପରୀକ୍ଷାରେ ସିମୁଳିଆ କଲେଜର ସଞ୍ଜୟ କୁମାର ରାଉତ ‘ଏ ପ୍ଲସ୍’ ଗ୍ରେଡ ହାସଲ କରି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହି ଅବସରରେ ସୋମବାର ସିମୁଳିଆ କଲେଜର ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କ ବାସଭବନ ଭଦ୍ରକ ଜିଲା ବେତଡାର ନଇଛଣପୁରରେ ତାଙ୍କ ପରିବାର ଗହଣରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସିମୁଳିଆ କଲେଜ ପୁରାତନ ଛାତ୍ର ସଂସଦ ସଭାପତି ଗଦାଧର ଜେନା, ସମ୍ପାଦକ ସନ୍ତୋଷ କୁମାର ନାୟକ, ସାବିର ଅଲି, ଗଙ୍ଗାଧର ନାୟକ, ସୁବାଷ ଜେନା ପ୍ରମୁଖ ପହଞ୍ଚି ତାଙ୍କୁ ଫୁଲତୋଡା, ଉପଢୌକନ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସଞ୍ଜୟ ଭବିଷ୍ୟତରେ ଜଣେ ଅଧ୍ୟାପକ ହେବା ପାଇଁ ସ୍ୱପ୍ନ ରଖିଥିବା କହିଛନ୍ତି। ସୂଚନାଯୋଗ୍ୟ, ସେ ମଧ୍ୟ ଗତ ଯୁକ୍ତ ଦୁଇ ପରୀକ୍ଷାରେ ଟପ୍ପର ହୋଇଥିଲେ ।

# ବାଲେଶ୍ୱର ମହିଳା କଲେଜରେ ଶିକ୍ଷା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବାଲେଶ୍ୱର, ୪।୫(ମୃତ୍ୟୁଞ୍ଜୟ ପଟ୍ଟନାୟକ):**

ବାଲେଶ୍ୱର ସହରର ଗୋପାଳଗାଁସ୍ଥିତ ବାଲେଶ୍ୱର ମହିଳା କଲେଜ ପକ୍ଷରୁ ୭ଦିନିଆ ଗ୍ରୀଷ୍ମକାଳୀନ ଜାତୀୟ ସ୍ୱେଚ୍ଛାସେବୀ ସେବା ଶିବିର ଗତ ଶନିବାର ଉଦ୍‌ଘାଟିତ ହୋଇଥିଲା। ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ତେବେ ସୋମବାର କଲେଜ ପକ୍ଷରୁ ପୋଷ୍ୟ ଗାଁ ଭାବେ ଗ୍ରହଣ କରାଯାଇଥିବା ଗୋପାଳଗାଁ ତଳସାହିର ମହିଳାମାନଙ୍କୁ ଶିକ୍ଷା ଓ ସ୍ୱଚ୍ଛତା ଉପରେ ଛାତ୍ରୀମାନେ ସଚେତନ କରାଇଥିଲେ। ସେହିପରି ସଫେଇ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଥିଲା। ଚନ୍ଦନ ଉତ୍ସବ ଶେଷ ହୋଇଥିବା ବେଳେ ମିର୍ଜା ପୋଖରୀ ପାର୍ଶ୍ୱ ଅଳିଆ ଆବର୍ଜନାମୟ ହୋଇଥିଲା। ଛାତ୍ରୀମାନେ ସେହି ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଅନ୍ୟ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଶିକ୍ଷା ଦିଆଯିବ ବୋଲି କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକ ଓ ଏନଏସ୍ଏସ୍ ପ୍ରୋଗ୍ରାମ ଅଧିକାରିଣୀ ତଥା ଇତିହାସ ବିଭାଗର ଅଧ୍ୟାପିକା ଡ. ପୂଜାରାଣୀ ପରିଡ଼ା କହିଛନ୍ତି। କଲେଜର ପ୍ରଶାସନିକ ଅଧିକାରୀ ଚିତ୍ତରଞ୍ଜନ ସାନ୍ତରା, ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଧିକାରିଣୀ ରୋକିଆ ଜମାଲ, ୱାଇଆରସିର କାଉନସିଲ ମାୟାବତୀ ମଲ୍ଲିକ ଓ ଚମ୍ପାବତୀ କିସ୍କୁ, ରଶ୍ମିରେଖା ସାମନ୍ତରାୟ, ରିୟା ଦାସ, ସୁଶାନ୍ତ କୁମାର ମଣ୍ଡଳ, ପୂରବୀ ପଟ୍ଟନାୟକ, ଡ. ମୋନିକା ଶତପଥୀ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ନମିତା ରାଉତ, ରୂପାଲି ଚୌଧୁରୀ, ନିଶିକାନ୍ତ ପଣ୍ଡା, ଏସକେ ଦୟାନ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



ଶିବିରରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀ ଓ ସ୍ଥାନୀୟ ମହିଳା।


ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪

Odia University, Satyabadi, Puri, Odisha, 752014

Website:https://odiauniversity.ac.in

Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

## ସଂକ୍ଷେପରେ

### ହିମାଦ୍ରି ତନୟା ଘଟଗାଁ ବ୍ଲକ୍ ଟପ୍ପର

ଡେଙ୍କୋଟ୍,୪।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଇଦାପାଟଣାର ହିମାଦ୍ରି ତନୟା ମହାନ୍ତ ଦଶମ ବୋର୍ଡ ପରୀକ୍ଷାରେ ୫୬୫ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ହିମାଦ୍ରିଙ୍କ ପିତା ଖଗେଶ୍ୱର ମହାନ୍ତ ଜଣେ ଶିକ୍ଷକ ହୋଇଥିବା ବେଳେ ଓ ମାତା ମଞ୍ଜୁଲତା ମହାନ୍ତ ଗୃହିଣୀ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ର ଛାତ୍ରୀ ହୋଇଥିବା ବେଳେ ସଫଳତାର ଶ୍ରେୟ ତାଙ୍କ ପିତାମାତା, ଈଶ୍ୱର ଏବଂ ଶିକ୍ଷକଙ୍କୁ ଦେଇଛନ୍ତି। ସେ ଭବିଷ୍ୟତରେ, ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପାଇଁ ଇଚ୍ଛା ରଖିଛନ୍ତି।



# ବିନା ସୂଚନାଫଳକରେ ଚାଲିଛି ଚେକ୍‌ଡ୍ୟାମ କାମ

କେନ୍ଦୁଝର,୪।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଅଧୀନ ଚମ୍ପୁଆ ରେଞ୍ଜର ବାମେବାରୀ ସେକ୍ସନ, ଦୁବୁନା ଫରେଷ୍ଟ ବିଟ୍ ଅନ୍ତର୍ଗତ କାଇଯୋଡ଼ା ଗ୍ରାମ ପୁରୁଘର ନାଳ ଉପରେ ଏକ ଚେକ୍‌ଡ୍ୟାମ ନିର୍ମାଣ ଚାଲିଛି। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ଓ୍ୱାଡସି ଅନୁଦାନରେ ଏହି କାମ ହେଉଥିବା କୁହାଯାଉଛି। ମାତ୍ର ନିର୍ମାଣ ସ୍ଥାନରେ କୌଣସି ସୂଚନା ଫଳକ ନ ଥିବାରୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏଥିସହ ଠିକ୍ ବ୍ୟୟ ଅଟକଳ ତଥା ଅନ୍ୟାନ୍ୟ ସୂଚନା ମିଳିପାରୁନାହିଁ।

ଅଭିଯୋଗ ମୁତାବକ, ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ ଡ୍ୟାମର କଂକ୍ରିଟ କାମ ଚାଲୁଛି। ନିର୍ମାଣସ୍ଥଳରେ ବନ ବିଭାଗ କିମ୍ବା ଓଏମ୍‌ବିଏଡିସିର କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଉପରିସ୍ଥ ଅଧିକାରୀ କାମ ସ୍ଥାନକୁ ପରିଦର୍ଶନ କରିବାକୁ ଯାଉ ନ ଥିବାରୁ ମନଇଚ୍ଛା କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲି, ସିମେଣ୍ଟ ଓ ଚିପ୍ସ ଭାଗମାପରେ କାମ ହେଉ ନ ଥିବା ବେଳେ ନିମ୍ନମାନର ଲୁହାଛଡ଼, ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଚୋରାରେ ପାଖରୁ ଆଣି ଚିପ୍ସ ଏବଂ ମାଟିମିଶା ବାଲିରେ ଚେକ୍‌ଡ୍ୟାମ କାମ କରାଯାଉଥିବାରୁ ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ବର୍ଷା ହେଲେ ହଠାତ ବଢ଼ି ପାଣି ଆସିଯାଏ। ଏଣୁ ଠିକ୍ ଭାବରେ କାମ ନ ହେଲେ ଚେକ୍‌ଡ୍ୟାମ ଭାଙ୍ଗିଯିବ, ପାଣି ଲିକ କରିବ, ଯାହାଫଳରେ ତଳସ୍ତରରେ କ୍ଷୟକ୍ଷତି ଘଟାଇବ ବୋଲି ସ୍ଥାନୀୟ ଲୋକ କହୁଛନ୍ତି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ କୁମାର ଛତ୍ରିଆ କହିଛନ୍ତି, ସେ ନିଜେ କାମ ତଦାରଖ କରି ପଦକ୍ଷେପ ନେବେ। ଏଏପିର ଜିଲା ସଭାପତି ପ୍ରେମାନନ୍ଦ ସିଂହ କହିଛନ୍ତି, ନିମ୍ନମାନର କାମ କରି ବ୍ୟାପକ ଅର୍ଥ ହରିଲୁଟ ହେଉଛି। ସବୁ କାମ ସ୍ଥାନରେ ସୂଚନାଫଳକ ଲଗାଇବା ସହ କାମର ମାନ ଯାଞ୍ଚ କରିବାକୁ ଦାବି କରିଛନ୍ତି। ସେହିପରି ଓଏମ୍‌ବିଏଡିସିର ଟେକ୍ନିକାଲ ଟିମ୍ ଦ୍ୱାରା ସମସ୍ତ କାମର ମାନ ଯାଞ୍ଚ କରି ପଦକ୍ଷେପ ନେବାକୁ ଦାବି ହେଉଛି।


ଚେକ୍‌ଡ୍ୟାମରେ ବ୍ୟବହାର ହେଉଥିବା ନିମ୍ନମାନର ଗୋଡ଼ି ଓ ବାଲି।

# ନୂତନ ପୋଲ ନିର୍ମାଣ ଦାବି

## ଦୁର୍ବଳ ହୋଇଗଲାଣି ବାଲିବରେଇ ପୋଲ

ବଉଳା,୪।୫(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ବିଦ୍ୟାଧରପୁର ବ୍ୟାରେଜଠାରୁ ମହୁଲ ପଙ୍କା ଆରଡି ବିଭାଗ ରାସ୍ତାର ବାଲିବରେଇଠାରେ ଥିବା ପୋଲ ଦୁର୍ବଳ ହୋଇଗଲାଣି। ପଥରରେ ତିଆରି ପୋଲଟିକୁ ୫୦ରୁ ଊର୍ଦ୍ଧ୍ୱ ବର୍ଷ ହେଲାଣି। ମରାମତି ଅଭାବରୁ ପୋଲ ତଳୁ ପଥର ଖସି ଯିବା ସହିତ ଦୁର୍ବଳ ଅବସ୍ଥାରେ ରହିଛି। ରାସ୍ତାରେ ଦୈନିକ ଅନେକ ସହ ଯାନବାହନ, ବସ୍ ଓ ବିଭିନ୍ନ ଭାରିଯାନ ଯାତାୟାତ କରୁଥିବାରୁ ବିପଦ ଆଶଙ୍କା ରହିଛି। ତୁରନ୍ତ ନୂତନ ପୋଲ ନିର୍ମାଣ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, ରାସ୍ତାଟି ବାଲେଶ୍ୱର ଜିଲାକୁ ସଂଯୋଗ କରୁଥିବାରୁ ରାସ୍ତାର ଗୁରୁତ୍ୱ ଅଧିକ ରହିଛି। ପୋଲ ଦୁର୍ବଳ ହୋଇପଡ଼ିଥିବାରୁ ସେହି ସ୍ଥାନରେ ଆଉ ଏକ ନୂତନ ପୋଲ ନିର୍ମାଣ କରିବାକୁ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାଶ ପଞ୍ଚାୟତ ସମିତି ବୈଠକରେ ଦାବି କରିଥିଲେ। ଏଥି ସହିତ ଆରଡି ବିଭାଗର ଅଧିକାରୀଙ୍କୁ ଅବଗତ କରାଇଥିଲେ। ତା ଛଡ଼ା ଏହି ରାସ୍ତା ଗୁରୁତ୍ୱ ପୂର୍ଣ୍ଣଥିବାରୁ ଏକ ନୂତନ ପୋଲ ନିର୍ମାଣ କରିବାକୁ ଝୁଲୁ ଆୟଚ, ରକ୍ଷାକର ଜେନା, ବୈକୁଣ୍ଠ ରାଉତ, ବିନୋଦ ଜେନା ଆଦି ଗ୍ରାମବାସୀ ଦାବି କରିଛନ୍ତି।

### ଶାସଙ୍ଗ ହାଇସ୍କୁଲର ଟପ୍ପର ହେଲେ ପ୍ରତୀକ୍ଷା

ବଉଳା,୪।୫(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ହାଇସ୍କୁଲର ଛାତ୍ରୀ ପ୍ରତୀକ୍ଷା ଦେଓ ୫୪୦ ନଂ. ରଖି ଏ-୧ରେ ପାସ କରି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସୋମବାର ପ୍ରଧାନଶିକ୍ଷକ ରାଧାକୃଷ୍ଣ ପତିଙ୍କ ସଭାପତିତ୍ୱରେ ଛାତ୍ରୀଙ୍କ ପିତା ପବିତ୍ର ଦେଓ ଓ ମାତା ରଶ୍ମିରେଖା ବିଶ୍ୱାଳଙ୍କ ଉପସ୍ଥିତିରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ତାଙ୍କ ପିତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ନବକିଶୋର ବିଶ୍ୱାଳ, ଶିକ୍ଷକ ମାଧବା ନନ୍ଦ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ସାନ୍ତୁନୁ ରାଉତ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

# ଅସହାୟ ମହିଳାଙ୍କୁ ନନ୍ଦୀ ଗୋ ସେବା କେନ୍ଦ୍ରର ସହାୟତା

ଯୋଡ଼ା,୪।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରହୁଥିବା ଜଣେ ଅସହାୟ ମହିଳା ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେଉଥିଲେ। ନନ୍ଦୀ ଗୋ ସେବା କେନ୍ଦ୍ରର କିଛି ଯୁବକ ତାଙ୍କୁ ଉଦ୍ଧାର କରି ଏକ ଆଶ୍ରମରେ ଭର୍ତ୍ତି କରିଛନ୍ତି। ନନ୍ଦୀ ଗୋ ସେବା ସଂସ୍ଥାର ସଦସ୍ୟ ହରେକୃଷ୍ଣ ଦାସଙ୍କ ସୂଚନା ଅନୁଯାୟୀ, ପ୍ରାୟ ୪୦ରୁ ୪୫ ବୟସ୍କା ମହିଳାଙ୍କୁ ଯୋଡ଼ାରେ କିଛି ମାସ ହେବ ଦେଖିବାକୁ ମିଳିଥିଲା। ସେ ଅସହାୟ ତଥା ନିରାଶ୍ରୟ ଥିବାରୁ ସହର ବିଭିନ୍ନ ବାରଣ୍ଡାରେ ଆଶ୍ରୟ ନେଉଥିଲେ। ଏହାର ସୁଯୋଗରେ ଯୋଡ଼ା ଲାଓ ପ୍ୟାଲେସ ନିକଟରେ ରାତି ସମୟରେ କିଛି ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଚାଲିଥିବା ଗୋ ସମ୍ମାନ ଆହ୍ୱାନ ଅଭିଯାନ କାର୍ଯ୍ୟକ୍ରମ ଶେଷ ହେବା ପରେ କେନ୍ଦ୍ର ସମ୍ପାଦକ କିଶୋର ବାରିକ, ସତ୍ୟଜିତ ଦାସ, ସୁନୀଲ ସେଠୀ, ଲଳିତ ପାତ୍ର, ଧନଞ୍ଜୟ ମହାନ୍ତି ପ୍ରମୁଖ ସଦସ୍ୟ ମହିଳାଙ୍କୁ ସହାୟତା କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ମହିଳାଙ୍କ ଥଇଥାନ ପାଇଁ କେନ୍ଦ୍ରର ସଦସ୍ୟ ଗତ ୩୦ ତାରିଖରେ କେନ୍ଦୁଝର ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ଜିଲାପାଳଙ୍କୁ ନ ଭେଟି ପାରି ଡିଷ୍ଟ୍ରିକ୍ଟ ସୋସିଆଲ ସିକ୍ୟୁରିଟି ଅଫିସର (ଡିଏସ୍‌ଏସ୍‌ଓ)ଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ପରେ ଡିଏସ୍‌ଏସ୍‌ଓ ତୁରନ୍ତ କେନ୍ଦୁଝରରେ ଥିବା ଆଶ୍ରୟ ନାମକ ଆଶ୍ରମରେ ତାଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦୀ ଗୋ ସେବା ସଂସ୍ଥାର ସଦସ୍ୟମାନେ ଯୋଡ଼ା ଆସି ଉକ୍ତ ମହିଳାଙ୍କୁ ଧରି କେନ୍ଦୁଝର ଆଶ୍ରମକୁ ନେଇଥିଲେ। ପ୍ରକାଯୋଗ୍ୟ, ନନ୍ଦୀ ଗୋ ସେବା କେନ୍ଦ୍ର ଯୋଡ଼ାରେ କିଛି ବର୍ଷ ହେଲା ଗୋ ସେବା କରି ଆସୁଛି। ସଂସ୍ଥାର ସଦସ୍ୟମାନେ ଖଣି ଅଞ୍ଚଳରେ ଗୋ ସେବା ଯୋଗାଇ ଆସୁଛନ୍ତି।

### କାଳବୈଶାଖୀରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ

ଯୋଡ଼ା,୪।୫(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ବଡ଼ ଗଛ ଏବଂ ଟିଣ ଛପର ଉଡି ଯାଇଛି। ପୌରପାଳିକା ୱାର୍ଡ ନଂ. ୬, ଏବଂ ୮ରେ ଗଛପଡ଼ି ବିଦ୍ୟୁତ୍ ତାର ଛିଡ଼ି ସେବା ବିଚ୍ଛିନ୍ନ ହୋଇଛି। ଯୋଡ଼ା ପୌରପାଳିକା ଯନ୍ତ୍ରୀ ମନୋଜ ବେହେରା କହିଛନ୍ତି, ଗଛ କଟାଳି, ବିଦ୍ୟୁତ୍ ବିଭାଗ ସହିତ ଯୋଗାଯୋଗ କରାଯାଇଛି। ପୌରପାଳିକା ପକ୍ଷରୁ ବିପଜନକ ଅବସ୍ଥାରେ ବିଦ୍ୟୁତ୍ ତାର ନିକଟରେ ରହିଥିବା ଡାଳ କଟା ଯାଉ ନ ଥିବାରୁ ଏହିପରି ଅବସ୍ଥା ହେଉଥିବା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ମତ ପ୍ରକାଶ କରିଛନ୍ତି।

# ଆନନ୍ଦପୁରରୁ କଳିଙ୍ଗନଗର ନୂତନ ବସ୍ ସେବା ଆରମ୍ଭ




ବଞ୍ଚୋ,୪।୫(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁରର ହସନପୁର ଟୋଲଗେଟଠାରୁ କଳିଙ୍ଗନଗରସ୍ଥ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ସୋମବାର ନୂତନ ବସ ସେବାର ଶୁଭାରମ୍ଭ ହୋଇଛି। ଭାଜପା ନେତା ଡ଼ା. ଶମ୍ଭୁ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ୍‌ସେବାକୁ ଉଦ୍‌ଘାଟନ କରିଥିଲେ। ଡ଼ା. ରାଉତ ତାଙ୍କ ଉଦ୍‌ବୋଧନରେ ଜିନ୍ଦଲ ପ୍ଲାଣ୍ଟର ଶୀର୍ଷ ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ଦ୍ୱାରା କର୍ମଚାରୀଙ୍କ ଯାତାୟାତ ସୁବିଧା ବଢ଼ିବା ସହ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପାଟଣା,୪।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓ ଶିକ୍ଷା ବିକାଶସମିତି ପରିଚାଳିତ ବିଦ୍ୟାଳୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। କମିଟି ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଆଇପିଏସ ଅଫିସର୍ ଶୁଭ ସ୍ନିଗ୍ଧା ସେଠୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ-୧ ଗ୍ରେଡ ପାଇଥିବା ବିଦୁସ୍ମିତା ମହାନ୍ତ ଓ ଏ-୨ ପାଇଥିବା ଅମର ପ୍ରସାଦ ପଣ୍ଡା, ଅର୍ଚ୍ଚନା ସାହୁ, ସୌଦାମିନୀ ସାହୁ, ପ୍ରଭୋଲ୍ଲିକା ସାହୁ, ଅପରାଜିତା ସାହୁ ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା କାବ୍ୟେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଉତ୍ତର ସମ୍ଭାଗ ଶିକ୍ଷା ବିକାଶ ସମିତର ସଂଯୋଜକ କ୍ଷେତ୍ରମୋହନ ଦାଶ, ପରିଚାଳନା କମିଟି ସମ୍ପାଦକ ପ୍ରମୋଦ ସାହୁ, ଉପସଭାପତି ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗରା ଧରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି

## ମିଶ୍ରମାଳ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ

କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରବଳ ଖରା ଯୋଗୁ ଚାରିଆଡ଼େ ପିଇବା ପାଣି ସମସ୍ୟା ଦେଖାଦେଇଛି। ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ସମାଧାନ ହୋଇ ପାରୁ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଗୁହାରି ଜଣାଉଛନ୍ତି। ସୋମବାର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ମିଶ୍ରମାଳ ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ତଳସାହିର ଜୁଆଙ୍ଗ ଓ ଅନ୍ୟ ସମ୍ପ୍ରଦାୟର ମହିଳା, ପୁରୁଷ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗରା ଧରି ଗୁହାରି ଜଣାଇଛନ୍ତି। ଶୀଘ୍ର ପାନୀୟ ଜଳ ସୁବିଧା କରିବାକୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଗ୍ରାମର ୨ଟି ସାହି ଥିବା ବେଳେ ତଳସାହିରେ ୧୫୦ରୁ ଊର୍ଦ୍ଧ୍ୱ, ଉପର ସାହିରେ ୨୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସମ୍ପ୍ରଦାୟର ଅଧିବାସୀ ବସବାସ କରୁଛନ୍ତି। ୨ ସାହିରେ ଗୋଟିଏ ଲେଖାଏ ନଳକୂପ ଅଛି। ମାତ୍ର ଖରାଦିନେ ନଳକୂପରୁ ଠିକ୍‌ଭାବେ ପାଣି ବାହାରୁ ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ତଳ ସାହିରେ ଥିବା ନଳକୂପରୁ ମଇଳା ପାଣି ବାହାରୁଛି। ଏହାର ସମାଧାନ କରାଯାଉ ନ ଥିବାରୁ ପାଣି ପାଇଁ ତଳ ସାହି ଲୋକେ ଏକ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। କାଳବୈଶାଖୀ ବର୍ଷାରେ କୂଅଟି ମଧ୍ୟ ଭୁଶୁଡ଼ି ପଡ଼ିବା ଫଳରେ ଆଉ ବ୍ୟବହାର ହୋଇପାରୁନାହିଁ। ଏଣୁ ଲୋକମାନେ ଉପର ସାହିକୁ ଗଲେ ସେଠାକାର ଲୋକେ ପାଣି ପାଇଁ ବାରଣ କରୁଛନ୍ତି। ଏଣୁ ବାଧ ହୋଇ ଗ୍ରାମବାସୀ ନିକଟସ୍ଥ ନାଳ ଓ ପୋଖରୀରୁ ପାଣି ଆଣି ବ୍ୟବହାର କରୁଥିବା ଗ୍ରାମର ମଦନ ବାରିକ କହିଛନ୍ତି। ମଇଳା ପାଣି ପିଇ ପେଟଜନିତ ରୋଗରେ ପଡୁଛନ୍ତି ବୋଲି ମହିଳାମାନେ କହିଥିଲେ। ପାଣି ସମସ୍ୟାକୁ ନେଇ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍, ଲୋକ ପ୍ରତିନିଧିମାନଙ୍କୁ ଅଭିଯୋଗ କରିଥିଲେ ହେଁ ପ୍ରତିଶ୍ରୁତି ବ୍ୟତୀତ କିଛି ମିଳିନାହିଁ। ତେଣୁ ଉକ୍ତ ସାହିରେ ଏକ ଗଭୀର ନଳକୂପ ଖନନ ପାଇଁ ଜିଲାପାଳଙ୍କ ନିକଟରେ ନିବେଦନ କରିଥିବା ଗରା ଧରି ଆସିଥିବା ମହୁର ଜୁଆଙ୍ଗ, ଶାନ୍ତି ଜୁଆଙ୍ଗ, ଭିକାରୀ ଜୁଆଙ୍ଗ, କୈଳାଶ ଜୁଆଙ୍ଗ, ବାସନ୍ତୀ ଜୁଆଙ୍ଗଙ୍କ ସମେତ ବହୁ ମହିଳା ଓ ପୁରୁଷ କହିଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

### ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

ପାଟଣା,୪।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡବିଟ୍ ସଡ଼ଙ୍ଗ ବାହାଳି ଗ୍ରାମ ସୋରେନ ସାହି ନିକଟରେ ସୋମବାର ଭାଲୁ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ଗଙ୍ଗାଧର ମୁଣ୍ଡାଙ୍କ ଝିଅ ଶ୍ରୀଦେବୀ ମୁଣ୍ଡା(୧୮)। ସେ ସାହିଠାରୁ ୧ କି.ମି. ଦୂରରେ ଥିବା ଚାରକୋଳି ଡୋଟାକୁ କୋଳି ତୋଳିକାବୁ ଯାଇଥିଲେ। ସେଠାରେ ୩ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ଆକ୍ରମଣରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ପାଟି ଶୁଣି କାଜୁ ଫିଲ୍ଡରେ ମଞ୍ଜି ତୋଳୁଥିବା ଲୋକେ ପହଞ୍ଚି ଭାଲୁଙ୍କୁ ଘଉଡ଼ାଇଥିଲେ। ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସ ପରିସରରେ ଥିବା ତୀରନ୍ଦାଜ ସ୍କୋୟାରରେ କ୍ରୀଡ଼ା ଏବଂ ଯୁବସେବା ବିଭାଗ ଦ୍ୱାରା ୨ ଦିନିଆ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିନିଧିତ୍ୱ କରି ୮ ରୁ ୧୪ ବର୍ଷ ବୟସର ମୋଟ ୭୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଶାରୀରିକ ସୁସ୍ଥତା, ଦକ୍ଷତା ଏବଂ ସମ୍ଭାବନାର ମୂଲ୍ୟାଙ୍କନ ପାଇଁ ପରିକଳ୍ପିତ ମୂଲ୍ୟାୟନ ଏବଂ ପରୀକ୍ଷଣର ଏକ ଶୃଙ୍ଖଳାରେ ଭାଗ ନେଇଥିଲେ। ମନୋନୀତ ପ୍ରାର୍ଥୀ କ୍ରୀଡ଼ା ଛାତ୍ରାବାସରେ ରହି ସ୍ୱତନ୍ତ୍ର ପ୍ରଶିକ୍ଷଣ ସୁବିଧା ପାଇବେ।

# ବଞ୍ଚୋ ରଥଯାତ୍ରା: କାଠ ଯୋଗାଣ ପାଇଁ ଡିଏଫ୍‌ଓଙ୍କୁ ପତ୍ର

ବଞ୍ଚୋ,୪।୫(ପ୍ରଦୋଷ କୁମାର ବିଶ୍ୱାଳ)

ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ଗ୍ରାମରେ ଶ୍ରୀ ଶ୍ରୀ ଦାଧିବାମନ ଜିଉ ବିଜେଙ୍କ ରଥଯାତ୍ରା୨୦୨୬ ପାଇଁ କାଠ ଯୋଗାଣ ନେଇ ପ୍ରଶାସନ ଚିନ୍ତାରେ ରହିଛି। ମା’ ସୁଭଦ୍ରାଙ୍କ ରଥ ପୁରୁଣା ଓ ଜୀର୍ଣ୍ଣ ହୋଇପଡ଼ିଥିବାରୁ ଏହାକୁ ନବୀନ ଭାବେ ନିର୍ମାଣ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା ପତ୍ର ମାଧ୍ୟମରେ ଆନନ୍ଦପୁର ଡିଏଫ୍‌ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ରଥ ନିର୍ମାଣ ପାଇଁ ଆବଶ୍ୟକ ଭଲ ଗୁଣମାନର କାଠ ଶୀଘ୍ର ଯୋଗାଣ କରିବାକୁ ଅନୁରୋଧ କରିଛନ୍ତି। ପତ୍ରରେ ଉଲ୍ଲେଖ ଅଛି ଯେ, ରଥର ସୁରକ୍ଷା ଓ ମଜବୁତି ପାଇଁ ଉଚିତ୍ ମାତ୍ରାର କାଠ ଅତ୍ୟନ୍ତ ଜରୁରୀ, ଯାହା ଯଥା ସମୟରେ ମିଳିଲେ ଉତ୍ସବ ପୂର୍ବରୁ କାମ ସମାପ୍ତ କରାଯିବ। ଏପରି ସମୟରେ ଜଗନ୍ନାଥ କମିଟି ସଦସ୍ୟ ପ୍ରଣବବଲ୍ଲଭ ପାଢ଼ି, ରତିକାନ୍ତ ରାଉତ, ସୁଧାଂଶୁ ରାଉତ, ମୁକେଶ ରାଉତ, ରାଧାଗୋବିନ୍ଦ ଦାସ ଓ ଅଶୋକ ପୁହାନ ମଧ୍ୟ କାଠ ଯୋଗାଣ ପାଇଁ ଦୃଢ଼ ଦାବି ଉଠାଇଛନ୍ତି।

# ବାଦାମପାହାଡ଼-କେନ୍ଦୁଝର ରେଳପଥ ପାଇଁ ଅଧିଗ୍ରହଣ ଜମିର ଉଚିତ ମୂଲ୍ୟ ପ୍ରଦାନ ଦାବି

କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୟୂରଭଞ୍ଜ ଜିଲାରୁ କେନ୍ଦୁଝର ଜିଲାକୁ ସଂଯୋଗ ହେବାକୁ ଥିବା ବାଦାମପାହାଡ଼-କେନ୍ଦୁଝର ରେଳପଥ ଜମି ଅଧିଗ୍ରହଣ କାମ ଚାଲିଛି। ପାଟଣା ବ୍ଲକ୍ ବୁଢ଼ିକାପୁଡ଼ି ପଞ୍ଚାୟତର ୪ଟି ଗ୍ରାମରେ ଜମିର ଉଚିତ ମୂଲ୍ୟ ପ୍ରଦାନ ନିମନ୍ତେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୁଢ଼ିକାପୁଡ଼ି ପଞ୍ଚାୟତର ତେନ୍ତଳା, ବୁଢ଼ିକାପୁଡ଼ି, ନେଉଳିପଶି ଓ ଗିଧିବାସ ଗ୍ରାମବାସୀ ଜମି ଅଧିଗ୍ରହଣ ନିମନ୍ତେ ହୋଇଥିବା ପ୍ରଥମ ଗ୍ରାମସଭାରେ ଝାରବେଡ଼ା ଗ୍ରାମର ଜମିର ମୂଲ୍ୟ ଅନୁସାରେ ସେମାନଙ୍କୁ ଜମିର ମୂଲ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ବର୍ତ୍ତମାନ ଉକ୍ତ ୪ଟି ଗ୍ରାମର ଜାଗା ମାପଚୁପ ସାହି ଉତ୍ତରାଧିକାରୀ ନାମ ମଧ୍ୟ ଘୋଷଣା ସରିଲାଣି। ବର୍ତ୍ତମାନ ସୁଦ୍ଧା ଜମିର ମୂଲ୍ୟ ଜାଣିପାରିଲେ ନାହିଁ। ତେଣୁ ସମସ୍ତଙ୍କ ଜାଣତରେ ଉକ୍ତ ୪ଟି ଗ୍ରାମର ଜମି ମୂଲ୍ୟ ସାର୍ବଜନୀନ ଭାବେ ପ୍ରକାଶ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ରର ଏକକିତା ନକଲ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝରର ଭୂଅର୍ଜନ ଅଧିକାରୀ, ପାଟଣା ତହସିଲଦାର ଏବଂ କୋଲକାତା ରେଲ୍‌ୱେ ନିକଟରେ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି।

### ଜିତୁ ମୁଣ୍ଡାଙ୍କୁ ଭାଜପା ପକ୍ଷରୁ ସହାୟତା

ପାଟଣା,୪।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡା ଟଙ୍କା ଉଠାଇବା ପାଇଁ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯିବା ଘଟଣା ପରେ ଜାତିଭାଇ ପୁଣି ଶୁଦ୍ଧି ହେବାକୁ କହିଛନ୍ତି। ଏନେଇ ବୁଧବାର ଦିନ ଧାର୍ଯ୍ୟ ହୋଇଥିବା ବେଳେ ଶୁଦ୍ଧି କର୍ମ ପାଇଁ ଭାଜପା ପକ୍ଷରୁ ସୋମବାର ସହାୟତା ପ୍ରଦାନ କରାଯାଇଛି। ଭାଜପା ଆଦିବାସୀ ନେତ୍ରୀ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ସୋମବାର ଜିତୁଙ୍କୁ ଭେଟି ସମବେଦନା ଜଣାଇବା ସହ ୩ ପ୍ୟାକେଟ୍ ଚାଉଳ, ୨ ପ୍ୟାକେଟ ଆଳୁ, ଏକ ପେଟି ତେଲ, ଡାଲି ସହ ଅନ୍ୟାନ୍ୟ ମସଲା ଓ ଗ୍ରୋସରି ସାମଗ୍ରୀ ପ୍ରଦାନ କରିଛନ୍ତି। ତାଙ୍କ ସହ ଜିଲା ଭାଜପା ସଂଖ୍ୟାଲଘୁ ସେଲ ଉପସଭାପତି ମନସୁର ଆଲାମ, ପାଟଣା ଭାଜପା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ପୂର୍ବତନ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ, ଭାଜପା ମଣ୍ଡଳ ସମ୍ପାଦକ ମଧୁସୂଦନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଶୁଦ୍ଧି କର୍ମ ଓ କାଲାରାଙ୍କ ସମାଧି କିଭଳି ହୋ ରୀତିରେ କରାଯିବ, ସେ ନେଇ ବୈଠକ ହୋଇଛି। ହୋ ସମ୍ପ୍ରଦାୟ ବଡ ପାଟଣା ସରପଞ୍ଚ ବିନତୀ ବାନାରା, ପଲାଶଘାଟି ନାଏବ ସରପଞ୍ଚ ମିଥୁନ ମୁଣ୍ଡା, ସ୍ଥାନୀୟ ୱାର୍ଡ଼ ମେମ୍ବର ସନ୍ତୋଷ ମୁଣ୍ଡା, ୨୩ ନମ୍ବର ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସିଟିଓ ନ ଥାଇ ଚାଲିଛି ଦେଶୀମଦ ଭାଟି

## ବନ୍ଦ କରିବାକୁ ଦାବି

କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବିନା ସିଟିଓ, ବିନା ପରିବେଶୀୟ ମଞ୍ଜୁରୀରେ ମଦ ଭାଟି ଚାଲିଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ସେ ସବୁ ବନ୍ଦ କରିବାକୁ ସରକାରଙ୍କ ନିକଟରେ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଦେଶୀମଦ ଭାଟି ଚାଲିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ କନ୍‌ସେଣ୍ଟ ଟୁ ଅପରେଟ(ସିଟିଓ) ଏବଂ ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ସିଆ)ଠାରୁ ଇସି ବା ପରିବେଶ ମଞ୍ଜୁରୀ ପାଇବା ଜରୁରୀ। ମାତ୍ର ଉଭୟ ବିଭାଗର ଅନୁମତି ମଞ୍ଜୁରୀ ନ ଥାଇ ସଦର ଥାନା ଅଞ୍ଚଳର ଶଙ୍କରପୁର ଦେଶୀ ମଦଭାଟି, ପଣ୍ଡାପଡ଼ା ଥାନା ଅଞ୍ଚଳର ପଣ୍ଡାପଡ଼ା, ହରିଚନ୍ଦନପୁର ଥାନା ଅଞ୍ଚଳର ହରିଚନ୍ଦନପୁର, ବାରିଆ ଥାନା ଅଞ୍ଚଳର ଥିବା ଉଖୁଣ୍ଡା, ତେଲକୋଇ ଥାନା ଅଞ୍ଚଳର ତେଲକୋଇ, ଜଗମୋହନପୁର, ଚମ୍ପୁଆ ଥାନା ଅଞ୍ଚଳର ରିମୁଳି, ତୁରୁମୁଙ୍ଗା ଥାନା ଅଞ୍ଚଳର ଖିରେଇଟାଙ୍ଗିରୀ, ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଖଲଣା, ବଡ଼ବିଲ ଥାନା ଅଞ୍ଚଳର ଭଦ୍ରାସାହି, ଟାଉନ ଥାନା ଅଞ୍ଚଳର ବାଁପାର, ଘଟଗାଁ ଥାନା ଅଞ୍ଚଳର ବାଙ୍ଗପାଟୁଳି, ପାଟଣା ଥାନା ଅଞ୍ଚଳର ସାହାରପଡ଼ା ଏବଂ ପାଟଣା, ନନ୍ଦିପଦା ଥାନା ଅଞ୍ଚଳର ହାଟଡିହୀ, ସୋସୋ ଥାନା ଅନ୍ତର୍ଗତ ଢେଙ୍କା ଆଦି ଦେଶୀମଦ ଭାଟି ବିନା ଅନୁମତିରେ ଚାଲିଛି। ମଦ ପ୍ରସ୍ତୁତ ବେଳେ ବ୍ୟାପକ ଜଳ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ମହୁଲ ଫୁଲରୁ ପ୍ରସ୍ତୁତ ମଦ ଯୋଗୁ ଦୁର୍ଗନ୍ଧ ହେବା ସହ ମଦ ଭାଟିରୁ ନିର୍ଗତ ବର୍ଜ୍ୟ ବିଶୋଧିତ ପାଇଁ ଇଟିପି ବା ଟ୍ରିଟମେଣ୍ଟ ପ୍ଲାଣ୍ଟ ନାହିଁ। ଫଳରେ ଆଖପାଖ ଜମିରେ ବର୍ଜ୍ୟଜଳ ମିଶି ଜଳ ଓ ମୃତ୍ତିକା ପ୍ରଦୂଷିତ କରୁଛି। ଏଭଳି ମଦ ଭାଟିକୁ କିଭଳି ବିଭାଗ ଚାଲିବାକୁ ଅନୁମତି ଦେଉଛି, ତାହାର ତଦନ୍ତ ହେବା ଜରୁରୀ ବୋଲି ମଦ ବିରୋଧୀ କର୍ମୀ ଭକ୍ତ ବତ୍ସଳ ମହାନ୍ତି ଦାବି କରିଛନ୍ତି। ସିଇଓ ଏବଂ ପରିବେଶ ମଞ୍ଜୁରୀ ନ ଥାଇ ଚାଲିଥିବା ଦେଶୀମଦ ଭାଟି ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଅବକାରୀ ଅଧୀକ୍ଷକ ତେଜରାଜ ଜାନୀ କହିଛନ୍ତି, ଉକ୍ତ ଦେଶୀ ମଦ ଭାଟିଗୁଡ଼ିକୁ ସିଟିଓ ଓ ଇସି ନେଇ ଚଳାଇବାକୁ କୁହାଯାଇଥିବା କହିଥିଲେ।

### ଉପରେ ଠିପି ବନ୍ଦ, ତଳେ ଠିପି ଖୋଲା

କେନ୍ଦୁଝର,୪।୫(ଦୀପକ ମିଶ୍ର): କେନ୍ଦୁଝର ସହରରେ ଥିବା ଅବକାରୀ ବିଭାଗ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିୟମ ମାନୁନାହାନ୍ତି। କଟକଣା କଡ଼ାକଡ଼ି କରାଯାଉ ନ ଥିବାରୁ ଖୁଲମ୍‌ଖୋଲା ମଦ ଦୋକାନ ନିକଟରେ ଲୋକେ ମଦ୍ୟପାନ କରୁଥିବା ଅଭିଯୋଗ ହେଉଛି। କୌତୂହଳର ବିଷୟ, ପ୍ରତ୍ୟେକ ମଦ ଦୋକାନ ନିକଟରେ ଏକ ଚାଖଣା ଦୋକାନଟିଏ ରହିଛି। ଦୋକାନରୁ ମଦ କିଣି ଦୋକାନ ନିକଟରେ ଥିବା ଚାଖଣା ଦୋକାନରୁ ଚାଖଣା କିଣି ଲୋକେ ମଦ୍ୟପାନ କରୁଥିବା ବୁଦ୍ଧିଜୀବୀ ନିତ୍ୟାନନ୍ଦ ଦାଶ କହିଛନ୍ତି। ବିଶେଷ କରି ବଜାର ମଧ୍ୟସ୍ଥଳରେ ଉକ୍ତ ଠିପିବନ୍ଦ ଦୋକାନଗୁଡ଼ିକ ରହିଥିବାରୁ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏ ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଜିଲା ଅବକାରୀ ବିଭାଗ ଅଧୀକ୍ଷକ ତେଜରାଜ ଯାନୀ କହିଛନ୍ତି, ଏ ଦିଗରେ ଅନୁସନ୍ଧାନ କରି ପଦକ୍ଷେପ ନେବେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

Sd./- REGISTRAR
ODIA UNIVERSITY

OIPR-11001/11144/1/26-27/0002

# ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ବିରୋଧ

## ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ

ଟିହିଡ଼ି,୪।୫(ସଞ୍ଜିତ ବଳ)

ଟିହିଡ଼ି ବ୍ଲକ ଅଧୀନ ମହରମପୁର ପଞ୍ଚାୟତର ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ଜାଗାରେ ରାସ୍ତା ନିର୍ମାଣ କରା ନ ଯାଇ ବ୍ୟକ୍ତିଗତ ଜାଗାରେ କରାଯାଉଥିବାରୁ ଏହାକୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଶଶାଙ୍କ ରାଉଳ, ସୁବାସ ଚନ୍ଦ୍ର ବଳ, ଅଲେଖ ଚରଣ ବେହେରା, ଲମ୍ବୋଦର ମହାଳିକ, ମନୋରଞ୍ଜନ ମହାଳିକ, ସୁରେନ୍ଦ୍ର ମହାଳିକ, ରବୀନ୍ଦ୍ର ମହାଳିକ ପ୍ରମୁଖ ସୋମବାର ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ବିଡିଓ ଏବଂ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ୪ଲକ୍ଷ ଟଙ୍କା ଅନୁଦାନରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ଜାଗାରେ ରାସ୍ତା ନିର୍ମାଣ କରା ନ ଯାଇ ଏକ ବ୍ୟକ୍ତିଗତ ଜମିରେ ନିର୍ମାଣ କରାଯାଉଛି। କନିଷ୍ଠ ଯନ୍ତ୍ରୀ ଏକ ନିର୍ଦ୍ଦିଷ୍ଟ ଦଳର ହାତବାରିସୀ ସାଜି ରାସ୍ତା ନିର୍ମାଣ କାର୍ଯ୍ୟ କରାଉଥିବା ସେମାନେ ଅଭିଯୋଗ କରିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀ କପ୍ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

## ବାଳକରେ ବାଲେଶ୍ୱର ଏଫ୍‌ସି, ବାଳିକାରେ ତେଲିପାଳ ଏସ୍‌ଏସ୍‌ଡି ଏଫ୍‌ସି ଚାମ୍ପିୟନ

ବାଲେଶ୍ୱର, ୪।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପ୍ରଶାସନ, ଜିଲା କ୍ରୀଡ଼ା ସଂଘ, କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ କପ୍-୨.୦ କ୍ରୀଡ଼ା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ଏପ୍ରିଲ ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡି ଓ ଫୁଟବଲ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଉଭୟ ବାଳକ, ବାଳିକା ବିଭାଗର ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ହୋଇଥିଲା। ବାଳକ ବିଭାଗରେ ବାଲେଶ୍ୱର ଏଫ୍‌ସି ଦଳ ଚାମ୍ପିୟନ ହୋଇଥିବା ବେଳେ ତେଲିପାଳ ଏସଏସଡି ଏଫ୍‌ସି ଦଳ ରନର୍ସ-ଅପ୍ ହୋଇଛନ୍ତି। ବାଳିକା ବିଭାଗରେ ତେଲିପାଳ ଏସ୍‌ଏସ୍‌ଡି ଏଫ୍‌ସି ଦଳ ଚାମ୍ପିୟନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍‌ସି ଦଳ ରନର୍ସ-ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ବିଡିଓ ଉତ୍ତମ କୁମାର ଜେନା ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲାପାଳ ଅମ୍ଳାନ ନାୟକ ଓ ଜିଲା କ୍ରୀଡ଼ା ସଂଘର ସହ ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପସଭାପତି ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ ଟ୍ରଫି ସହ ବାଳିକା ଦଳର ଖେଳାଳି ଓ ଅତିଥିଗଣ।

# ପିଏମଶ୍ରୀ ମଣିଭଦ୍ର ସରକାରୀ ବିଦ୍ୟାଳୟ

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାହାନଗା,୪।୫(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସକାଳେ ବିଦ୍ୟାଳୟର ଏ-୧ ପାଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଚିରଞ୍ଜୀବ ବିଶ୍ୱାଳ, ଦୁଷ୍ମନ୍ତ ଦାସ, ଖ୍ୟାତି ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମଳିକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଜିଲାପାଳଙ୍କୁ ଦାବିପତ୍ର

## ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ

ଭଦ୍ରକ,୪।୫(ସନାତନ ରାଉତ): ଭଦ୍ରକ ସହର ବାଇପାସ୍‌ଠାରେ ଥିବା ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପଦକ୍ଷେପ ନେବାକୁ ଧର୍ମରକ୍ଷା ସମିତି, ଭଦ୍ରକର ନାଗରିକ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ସାମଗ୍ରୀ ନ ଥିବା, ଡାକ୍ତର, କର୍ମଚାରୀଙ୍କ ଅଭାବ ଥିବା ଦର୍ଶାଯାଇଥିବା ବେଳେ ବିଲ୍ଡିଂର ମରାମତି ଓ ଚିକିତ୍ସାଳୟ ପାଚେରୀ ନିର୍ମାଣ ପାଇଁ ଦାବି କରାଯାଇଛି। ପ୍ରକାଶ ଯେ, ଭଦ୍ରକର ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ର ନାଥ ଦାସ ୧୯୯୫ରେ ରାଜ୍ୟ ସରକାରଙ୍କୁ ଚକ୍ଷୁ ଚିକିତ୍ସାଳୟ ନିର୍ମାଣ ପାଇଁ ଜମି ଓ ଟଙ୍କା ଦାନ କରିଥିଲେ। ଜିଲାର ମୁଖ୍ୟ ଚିକିତ୍ସାଳୟ ଗେଲପୁରକୁ ସ୍ଥାନାନ୍ତର ହେବା ପରେ ଏହି ଚକ୍ଷୁ ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ ଯୋଜନା କରାଯାଇଥିଲା। ଏହାକୁ ନେଇ ଭଦ୍ରକର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ଚିକିତ୍ସାଳୟକୁ ଜଣେ ଡାକ୍ତରଙ୍କ ଦ୍ୱାରା ପରିଚାଳନା କରାଯାଉଛି। ସବୁ ସମସ୍ୟାର ସମାଧାନ କରିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଧର୍ମରକ୍ଷା ସମିତିର ସଭାପତି ସନ୍ତୋଷ କୁମାର ପରିଡ଼ା କହିଛନ୍ତି। ମାନସ ମହାନ୍ତି, ନବଘନ ପ୍ରସାଦ ଦାସ, ବଳରାମ ଜେନା, ସଞ୍ଜୀବ କୁମାର ଦାସ, ରଘୁନାଥ ପାଢୀ, ତପନ ମହାନ୍ତି, ବ୍ରଜକିଶୋର ମହାରଣା, ପ୍ରମୋଦ ସାହୁ, ବୃଷଭାନୁ ସାହୁ, ଅମିତ କୁମାର ଦାସ, ଦଶରଥ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୪।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବେଲଗଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରୀ ସ୍ୱୟଂପ୍ରଭା ନାୟକଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାର୍ତ୍ତିକ ସ୍ୱାଇଁ ମୁଖ୍ୟ ଅତିଥି, ଜଗନ୍ନାଥ ମହାନ୍ତି, ପ୍ରସନ୍ନ ନାୟକ, ଆର୍ତ୍ତବନ୍ଧୁ ଧଳ, ହେମନ୍ତ ବିଶ୍ୱାଳ, କେଦାର ଜେନା ଓ ସତ୍ୟବ୍ରତ ରାଉତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱୟଂପ୍ରଭାଙ୍କ ସମେତ କୃତୀ ଛାତ୍ରୀ ସ୍ମୃତିଶିଖା ସାମଲ, ସୁଚିତ୍ରା ରାଉତ ଓ ସୁମିତ୍ରା ରାଉତଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହ ବିଦ୍ୟାଳୟରେ ନବନିଯୁକ୍ତ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଶୁକ୍ଳାଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିରେନ ମହାନ୍ତି, ବନମାଳୀ ସାହୁ, ସୁଶୀଳ ସାହୁ, ଶିକ୍ଷୟିତ୍ରୀ ସୁଚୀସ୍ମିତା ନାୟକ ଓ ବିଷ୍ଣୁପ୍ରିୟା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**JHARIA REHABILITATION AND DEVELOPMENT AUTHORITY, DHANBAD**

**e-Procurement Notice**

**Tender Reference No: JRDA/CIVIL/26-27/03/35**

**Date: 29.04.2026**

| | | |
|---|---|---|
| 1. | Name of Work | Providing and Laying PCC in back and middle side of blocks at Phase – II & Phase -III, Belgaria, Township Dhanbad |
| 2. | Estimated Cost | Rs. 3,93,27,023.00 |
| 3. | EMD | Rs. 3,93,300.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 08 months |
| 6. | Date/Time from which bid is available for online bidding | 05.05.2026 at 03:00 PM |
| 7. | Last Date/Time for on-line submission of bids | 26.05.2026 at 05:00 PM |
| 8. | Date and Time of Bid Opening | 28.05.2026 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in

Head of Department (Civil),
JRDA, Dhanbad

PR 378967 Rural Development (26-27)D


# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-BLS-0008-2025-5069/R&DM Dated: 04 Feb. 2026

No. 24001/49/2627: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଛଡ଼ଛଡ଼ିଆ, ଥାନା: ବାଲେଶ୍ୱର ନଂ. ୩୮, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩.୭୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ଛଡ଼ଛଡ଼ିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୮.୪୪ | ଏ.୩.୭୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବହଳଦା, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୬୪/୨୦୨୩
ଏ.୩.୭୬

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିମନ୍ତେ**

**ମୌଜା: ଛଡ଼ଛଡ଼ିଆ, ଥାନା: ବାଲେଶ୍ୱର ସଦର ନଂ. – ୩୮, ତହସିଲ – ରେମୁଣା, ଜିଲ୍ଲା: ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 141/340 | 0.20 | 0.06 | ଶାରଦ ଦୁଇ | ଅନିରୁଦ୍ଧ ଜେନା, ଘନଶ୍ୟାମ ଜେନା, ବିଦ୍ୟାଧର ଜେନା, ଅତୁଲ କୁମାର ଜେନା, ପି.: ପିତାମ୍ବର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 140/355 | 0.18 | 0.01 | ଶାରଦ ଦୁଇ | |
| 5 | 18 | 0.18 | 0.04 | ଶାରଦ ଦୁଇ | ଇନ୍ଦ ଜେନା, ପି.: ଶତ୍ରୁଘନ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ମଧୁପୁରା |
| 10 | 217 | 0.12 | 0.04 | ଶାରଦ ଦୁଇ | କୃତ୍ତିବାସ ନାୟକ, ପି.: ଟୁଣି ନାୟକ, ଚୈତନ ନାୟକ, ପି.: ରଘୁ ନାୟକ, କରୁଣାକର ନାୟକ, ଦେବକୀ ନାୟକ, ପି.: ମୁଳିନାୟକ, ମୁଷି ନାୟକ, ସ୍ୱା.: ମୁଳି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 16 | 157 | 0.25 | 0.12 | ଶାରଦ ଦୁଇ | ଗଗନ ଖଟୁଆ, ପ୍ରସନ୍ନ ଖଟୁଆ, ଦର୍ଶନ ଖଟୁଆ, ସୁଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ରଙ୍ଗି ଖଟୁଆ, ସ୍ୱା.: ଅନ୍ତର୍ଯ୍ୟାମୀ ଖଟୁଆ, କାଙ୍ଗାଳି ଖଟୁଆ, ରଘୁନାଥ ଖଟୁଆ, ପି.: କ୍ଷେତ୍ର ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 21 | 223 | 0.15 | 0.06 | ଶାରଦ ଦୁଇ | ଚନ୍ଦନ ନାୟକ, ପି.: ଘନ ନାୟକ, କାହ୍ନୁଚରଣ ନାୟକ, କଟିବୁଢ଼ି ନାୟକ, ପି.: ରାଧୁ ନାୟକ, ଭିକାରୀ ନାୟକ, କୁମୁଦ ନାୟକ, ପ୍ରଫୁଲ ନାୟକ, ପି.: ବାଇଧର ନାୟକ, ସରଦାମଣୀ ନାୟକ, ସ୍ୱା.: ଜଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶରଥି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 23 | 224 | 0.12 | 0.01 | ଶାରଦ ଦୁଇ | ଚୈତନ୍ୟ ନାୟକ, ପି.: ରଘୁ ନାୟକ, କରୁଣାକର ନାୟକ, ଦେବକୀ ନାୟକ, ପି.: ମୁଳି ନାୟକ, ମୁଷି ନାୟକ, ସ୍ୱା.: ମୁଳି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 24 | 269 | 0.31 | 0.03 | ଶାରଦ ଦୁଇ | ଜଗନ୍ନାଥ ଜେନା, ପି.: ଲକ୍ଷ୍ମଣ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 26 | 141 | 0.30 | 0.12 | ଶାରଦ ଦୁଇ | ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 29 | 55 | 0.46 | 0.04 | ଶାରଦ ଏକ | ଧ୍ରୁବଚରଣ ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ଓଲିପୁର |
| 30 | 52 | 0.79 | 0.09 | ଶାରଦ ଏକ | ଧ୍ରୁବଚରଣ ଜେନା, ଉତ୍ତମ କୁମାର ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 53 | 0.60 | 0.10 | ଶାରଦ ଏକ | |
| 31 | 54 | 0.15 | 0.01 | ଶାରଦ ଏକ | ଧ୍ରୁବ ଜେନା, ଉତ୍ତମ ଜେନା, ମାନି ଜେନା, ପି.: ଅଙ୍କୁର ଜେନା, ଇନ୍ଦ ଜେନା, ସ୍ୱା.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 56 | 0.26 | 0.07 | ଶାରଦ ଏକ | |
| 38 | 17 | 0.16 | 0.04 | ଶାରଦ ଦୁଇ | ପ୍ରାଣକୃଷ୍ଣ ଜେନା, ଶାନ୍ତିମଣି ଜେନା, ଇଚ୍ଛାମଣି ଜେନା, ସୁଲୋଚନା ଜେନା, ପି.: ଲକ୍ଷ୍ମଣ ଜେନା, ଶୁକମଣି ଜେନା, ସ୍ୱା.: ଲକ୍ଷ୍ମଣ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 40 | 102 | 0.14 | 0.03 | ଶାରଦ ଦୁଇ | ପିତାମ୍ବର ଜେନା, ପି.: କସ୍ତୁରୀ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 268 | 0.30 | 0.03 | ଶାରଦ ଦୁଇ | |
| 41 | 129 | 0.30 | 0.04 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ଶ୍ରୀହରି ଜେନା, ପ୍ରଭାକର ଜେନା, ପି.: ସାଧୁ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| | 141/339 | 0.17 | 0.06 | ଶାରଦ ଦୁଇ | |
| 44 | 216 | 0.51 | 0.16 | ଶାରଦ ଦୁଇ | ପୁନି ରାଉତ, ସ୍ୱା.: ଦନେଇ ରାଉତ, ଗୁଡୁରୀ ଜେନା, ସ୍ୱା.: ରାଧୁ ଜେନ, ଗୌର ଜେନା, ପି.: ଅଙ୍କୁର ଜେନା, ବାଞ୍ଛାନିଧି ନାୟକ, ଭାଗବତ ନାୟକ, ପି.: ଲକ୍ଷ୍ମଣ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 45 | 96 | 0.13 | 0.05 | ଶାରଦ ଦୁଇ | ଫକୀର ଜେନା, ବୁଧି ଜେନା, ଶରଦା ଜେନା, ହୀରା ଜେନା, ପି.: ଶିବ ଜେନା, ଭରତ ଜେନା, କୃତ୍ତିବାସ ଜେନା, ପି.: କ୍ଷେତ୍ର ଜେନା, ପିତାମ୍ବର ଜେନା, ପି.: କସ୍ତୁରୀ ଜେନା, ଶତ୍ରୁଘନ ଜେନା, ପି.: ରଘୁ ଜେନା, ଉମାକାନ୍ତ ଜେନା, ପି.: ଭଗବାନ ଜେନା, ପ୍ରାଣକୃଷ୍ଣ ଜେନା, ଛୁପୁରୀ ଜେନା, ଇଚ୍ଛାମଣି ଜେନା, ସୁଲଚନା ଜେନା, ପି.: ଲକ୍ଷ୍ମଣ ଜେନା, ଶୁକମଣି ଜେନା, ସ୍ୱା.: ଲକ୍ଷ୍ମଣ ଜେନା, ଭିକାରୀ ଜେନା, ଅଭିମନ୍ୟୁ ଜେନା, ବିଶିକେଶନ ଜେନା, ଚିତ୍ତରଞ୍ଜନ ଜେନା, ଗହ୍ମାମଣି ଜେନା, ସାଧବାଣୀ ଜେନା, କ୍ଷୀରମଣି ଜେନା, ଗେଡ଼ି ଜେନା, ପି.: ଦର୍ଶନ ଜେନା, ଜୈନ ଜେନା, ପି.: ଛକୁ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 98 | 0.13 | 0.05 | ଶାରଦ ଦୁଇ | |
| | 96/344 | 0.03 | 0.03 | ଶାରଦ ଦୁଇ | |
| 48 | 47 | 0.74 | 0.01 | ଶାରଦ ଏକ | ବାଞ୍ଛାନିଧି ଜେନା, ଝାମ୍ପୁରୀ ଜେନା, ବିପ୍ର ଜେନା, ପି.: କାଳନ୍ଦୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 49 | 0.30 | 0.11 | ଶାରଦ ଏକ | |
| | 263 | 0.466 | 0.06 | ଶାରଦ ଦୁଇ | |
| 50 | 55/319 | 0.20 | 0.05 | ଶାରଦ ଏକ | ବୀର କିଶୋର ଚୌଧୁରୀ, ପି.: ହରେକୃଷ୍ଣ ଚୌଧୁରୀ, ଜା: ଖଣ୍ଡାୟତ, ବା: ବିରାପଦା, ଜବରଦଖଲ, ବା: ଧ୍ରୁବଚରଣ ଜେନା, ଉତ୍ତମ କୁମାର ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 51 | 11 | 0.23 | 0.14 | ଶାରଦ ଦୁଇ | ବୁଧିରାମ ଜେନା, କରୁଣାକରଣ ଜେନା, ନାରାୟଣ ଜେନା, ବାୟାଣି ଜେନା, ପି.: ସୁଦର୍ଶନ ଜେନା, ମତି ଜେନା, ସ୍ୱା.: ସୁଦର୍ଶନ ଜେନା, ମଧୁ ଜେନା, ପି.: ବରଜୁ ଜେନା, ପୂର୍ଣ୍ଣ ଜେନା, ଶ୍ରୀହରି ଜେନା, ନରହରି ଜେନା, ଲକ୍ଷ୍ମୀମଣି ଜେନା, ରମାମଣି ଜେନା, ପରିମଣି ଜେନା, ମୁକ୍ତାମଣି ଜେନା, ପି.: ସାଧୁ ଜେନା, ଭୁକୁନି ଜେନା, ସ୍ୱା.: ସାଧୁ ଜେନା, ପ୍ରଭାକର ଜେନା, ଗଙ୍ଗାଧର ଜେନା, ପି.: ବଳି ଜେନା, ଆଶାମଣି ଜେନା, ସ୍ୱା.: କାଳି ଜେନା, କାଦୁ ଜେନା, ପି.: କୃଷ୍ଣ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଆଶାମଣି ଜେନା ଅଂଶପକ୍ଷେ ଦାନସୂତ୍ରେ ଦଖଲ ମଧୁ ଜେନା, ଖାତାରୟତ ରେଜେଷ୍ଟ୍ରି ଦଲିଲନମ୍ବର 661 ତା17.2.43 ଜରସମନ ଟ.200 ବା: |
| 52 | 12 | 0.32 | 0.25 | ଶାରଦ ଦୁଇ | ବୁଦ୍ଧିରାମ ଜେନା, କରୁଣାକର ଜେନା, ନାରାୟଣ ଜେନା, ବାୟାଣି ଜେନା, ପି.: ସୁଦର୍ଶନ ଜେନା, ମଧୁ ଜେନା, ପି.: ବରଜୁ ଜେନା, ପୂର୍ଣ୍ଣ ଜେନା, ଶ୍ରୀହରି ଜେନା, ନରହରି ଜେନା, ଲକ୍ଷ୍ମୀ ଜେନା, ରମା ଜେନା, ପ୍ରମିଳା ଜେନା, ମୁକ୍ତାମଣି ଜେନା, ପି.: ସାଧୁ ଜେନା, ଭୁକୁନି ଜେନା, ସ୍ୱା.: ସାଧୁ ଜେନା, ପ୍ରଭାକର ଜେନା, ଗଙ୍ଗାଧର ଜେନା, ପି.: ବଳି ଜେନା, ଆଶାମଣି ଜେନା, ସ୍ୱା.: କାଳି ଜେନା, କାଦୁ ଜେନା, ଫୁଲମଣି ଜେନା, ପାଗିଲି ଜେନା, ପି.: କୃଷ୍ଣ ଜେନା, ମତି ଜେନା, ସ୍ୱା.: ସୁଦର୍ଶନ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 56 | 270 | 0.82 | 0.10 | ଶାରଦ ଦୁଇ | ବୈରାଗି ଜେନା, ଲକ୍ଷ୍ମୀଧର ଜେନା, ପି.: ଗଦାଧର ଜେନା, ପଦ୍ମାବତୀ ଜେନା, ସ୍ୱା.: ନାରଣ ଜେନା, ସରଦାମଣି ଜେନା, ସ୍ୱା.: ଆନନ୍ଦ ଜେନା, ନିରଞ୍ଜନ ଜେନା, ଶଚିନ୍ଦ୍ର ଜେନା, ଗନ୍ଦ୍ରେ ଜେନା, ପି.: ଦୁଃଶାସନ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 219 | 0.11 | 0.05 | ଶାରଦ ଦୁଇ | |
| | 273 | 0.54 | 0.11 | ଶାରଦ ଦୁଇ | |
| | 287 | 0.34 | 0.06 | ଶାରଦ ଦୁଇ | |
| | 289 | 0.24 | 0.10 | ଶାରଦ ଦୁଇ | |
| | 1 | 0.18 | 0.12 | ଶାରଦ ଦୁଇ | |
| 71 | 131 | 0.23 | 0.01 | ଶାରଦ ଦୁଇ | ରବିନ୍ଦ୍ର ନାୟକ, ଉପେନ୍ଦ୍ର ନାୟକ, ବାସନ୍ତି ନାୟକ, ଦୁଃଖିନ ନାୟକ, ପି.: ଗଣପତି ନାୟକ, କନକ ନାୟକ, ସ୍ୱା.: ଗଣପତି ନାୟକ, ଭାଗବତ ନାୟକ, ବାଞ୍ଛାନିଧି ନାୟକ, ପି.: ଲକ୍ଷ୍ମଣ ନାୟକ, ନିରଞ୍ଜନ ନାୟକ, ମଧୁସୂଦନ ନାୟକ, ରମାକାନ୍ତ ନାୟକ, ସୁରେନ୍ଦ୍ର ନାୟକ, ପି.: ଭାଗବତ ନାୟକ, ହରେକୃଷ୍ଣ ନାୟକ, ପି.: ବାଞ୍ଛାନିଧି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| | 140 | 0.64 | 0.02 | ଶାରଦ ଦୁଇ | |
| | 142 | 0.60 | 0.15 | ଶାରଦ ଦୁଇ | |
| | 203 | 0.47 | 0.10 | ଶାରଦ ଦୁଇ | |
| | 130/354 | 0.02 | 0.02 | ଶାରଦ ଦୁଇ | |
| | 220 | 0.50 | 0.18 | ଶାରଦ ଦୁଇ | |
| 77 | 285 | 0.035 | 0.02 | ଶାରଦ ଦୁଇ | ଶ୍ରୀ ରାଧା ବଲ୍ଲଭ ଜୀଉ ଠାକୁର ବିଜେ ନିଜଗାଁ ମାର୍ଫତ ବା: ରାହାସ ବିହାରୀ ଦାସ ପୁଝାରି, ପି.: ବଂଶିଧର ଦାସ ପୁଝାରି, ବଳଭଦ୍ର ଦାସ ପୁଝାରି, ପି.: ନିଳାମ୍ବର ଦାସ ପୁଝାରି, ରାଧା ବଲ୍ଲଭ ଦାସ ପୁଝାରି, ବନମାଳି ଦାସ ପୁଝାରି, ପି.: ନିତ୍ୟାନନ୍ଦ ଦାସ ପୁଝାରି, ଦାମୋଦର ଦାସ ପୁଝାରି, ଶଶଧର ଦାସ ପୁଝାରି, ପଦ୍ମଲୋଚନ ଦାସ ପୁଝାରି, ପି.: ସୀତାରାମ ଦାସ ପୁଝାରି, ଜା: ବ୍ରାହ୍ମଣ, ବା: ଓଡ଼ଙ୍ଗି |
| | 286 | 0.21 | 0.08 | ଶାରଦ ଦୁଇ | |
| 83 | 221 | 0.35 | 0.06 | ଶାରଦ ଦୁଇ | ଶାରଦା ନାୟକ, ସ୍ୱା.: ହଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶ ନାୟକ, ଚନ୍ଦନ ନାୟକ, ପି.: ଘନ ନାୟକ, କହ୍ନେଇ ନାୟକ, ପି.: ରାଧୁ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା, ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 91 | 13 | 0.33 | 0.06 | ଶାରଦ ଦୁଇ | ହର ଜେନା, ପି.: ମାଗୁଣି ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94 | 19 | 1.89 | 0.08 | ଶାରଦ ଦୁଇ | ହରେକୃଷ୍ଣ ଜେନା, ପି.: କାଦୁ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/2 | 294 | 0.21 | 0.01 | ଶାରଦ ଦୁଇ | ବିଶ୍ୱନାଥ ଜେନା, ଅକ୍ଷୟ କୁମାର ଜେନା, ସୋମନାଥ ଜେନା, ପି.: ନିରଞ୍ଜନ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/3 | 272 | 0.24 | 0.09 | ଶାରଦ ଦୁଇ | ପଦ୍ମଲୋଚନ ଜେନା, ମୃତ୍ୟୁଞ୍ଜୟ ଜେନା, ମନୋରଞ୍ଜନ ଜେନା, ପି.: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/4 | 281 | 0.12 | 0.01 | ଶାରଦ ଦୁଇ | ଆଦିକନ୍ଦ ଜେନା, ନିତ୍ୟାନନ୍ଦ ଜେନା, ହରିଶ୍ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ଜେନା, ପି.: କାଦୁ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 94/12 | 290 | 0.23 | 0.06 | ଶାରଦ ଦୁଇ | ଅଶୋକ କୁମାର ଜେନା, ଜଗଦିଶ ଚନ୍ଦ୍ର ଜେନା, ପି.: ବୈରାଗିଚରଣ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଥାନା: ସଦର |
| 94/17 | 10 | 0.39 | 0.01 | ଶାରଦ ଦୁଇ | ପିତାମ୍ବର ଜେନା, ପି.: ଶ୍ରୀକାନ୍ତ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/22 | 1/380 | 0.20 | 0.11 | ଶାରଦ ଦୁଇ | ମୃତ୍ୟୁଞ୍ଜୟ ଜେନା, ପି.: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର |
| 94/53 | 267 | 0.76 | 0.11 | ଶାରଦ ଦୁଇ | ଅନିରୁଦ୍ଧ ଜେନା, ଘନଶ୍ୟାମ ଜେନା, ବିଦ୍ୟାଧର ଜେନା, ଅତୁଲ କୁମାର ଜେନା, ପି.: ପିତାମ୍ବର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| 94/68 | 280 | 0.19 | 0.03 | ଶାରଦ ଦୁଇ | ସଦାଶିବ ଜେନା, ପ୍ରଫୁଲ୍ଲ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ଜେନା, ପି.: ରାମହରି ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| 94/71 | 287/461 | 0.08 | 0.04 | ଶାରଦ ଦୁଇ | ସ୍ୱର୍ଣ୍ଣଲତା ଜେନା, ସ୍ୱା.: ବିଶ୍ୱନାଥ ଜେନା, ଅକ୍ଷୟ କୁମାର ଜେନା, ସୋମନାଥ ଜେନା, ପି.: ନିରଞ୍ଜନ ଜେନା, ଅରୁଣ କୁମାର ଜେନା, ପି.: ବିଶ୍ୱନାଥ ଜେନା, ସସ୍ମିତା ସେନାପତି ସ୍ୱା.: ତାରଶଙ୍କର ସେନାପତି, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| ସମପରିମାଣର ଗୋଚର ପ୍ରତିବଦଳ | | | | | |
| 83 | 221 | | 0.06 | ଶାରଦ ଦୁଇ | ଶାରଦା ନାୟକ, ସ୍ୱା.: ହଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶ ନାୟକ, ଚନ୍ଦନ ନାୟକ, ପି.: ଘନ ନାୟକ, କହ୍ନେଇ ନାୟକ, ପି.: ରାଧୁ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା, ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| ମୋଟ | ୫୮ ପ୍ଲଟକୁ | ଏ. ୧୮.୪୪ | ଏ. ୩.୭୬ | | |

Sd./- Amin, Bahalda Zone; Sd./- Revenue Inspector, Bahalda Zone; Sd./- Zone Officer-cum-L.A. Collector, S.I.P. Bahalda Zone; Sd./- Spl. Land Acquisition Officer, S.I.P., Baripada

OIPR: 24001/24001/3/26-27/0004

# ଧାମନଗରର ବିକାଶ ପାଇଁ ମନ୍ତ୍ରୀଙ୍କ ସମୀକ୍ଷା

■ବିଭିନ୍ନ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଲେ

■ମାନ, ସମୟସୀମାକୁ ଗୁରୁତ୍ୱ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଧାମନଗର,୪।୫ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଦିଆ)

ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସୋମବାର ଧାମନଗରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଜଣେ ଜନପ୍ରତିନିଧି ନୁହେଁ, ଜଣେ ସାଧାରଣ ନାଗରିକ ଭାବେ ସକାଳୁ ଧାମନଗର ଏନ୍‌ଏସି ଅଞ୍ଚଳରେ ପ୍ରାତଃ ଭ୍ରମଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ବିକାଶମୂଳକ କାର୍ଯ୍ୟର ମାନ ଏବଂ ସମୟସୀମାକୁ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ପରଖିବା ପାଇଁ ମନ୍ତ୍ରୀ ପ୍ରଥମେ ଜୟନଗରସ୍ଥିତ ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କରିଥିଲେ। ଗୋ-ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ। ପରେ ପ୍ରାୟ ୯.୫ କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ଐତିହାସିକ ଜଗୁସାଗର ପୋଖରୀ ନିକଟରେ ପହଞ୍ଚିଥିଲେ। ମାଟି ଖନନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବା ବେଳେ ବର୍ଷାଋତୁ ପୂର୍ବରୁ ସମସ୍ତ ମୁଖ୍ୟ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦୈନିକ ମାର୍କେଟ କୋଠା ନିର୍ମାଣ ଓ ବ୍ଲକ ଛକରେ ଚାଲିଥିବା ମାଛ ମାର୍କେଟ ନିର୍ମାଣ କାର୍ଯ୍ୟ ଓ ଆଦର୍ଶ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଗୁସାଗର ପୋଖରୀ ସୌନ୍ଦର୍ଯ୍ୟକରଣର ନକ୍ସା ଦେଖୁଛନ୍ତି।

ବିଦ୍ୟାଳୟ ବୁଲି ଦେଖିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ହଷ୍ଟେଲ କାର୍ଯ୍ୟ ଶେଷ ହୋଇଥିବାରୁ ଏହାକୁ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ସାଧାରଣ ଜଳଖିଆ ଦୋକାନରେ ବସି ସେ ସ୍ଥାନୀୟ କର୍ମୀ ଓ ଜନସାଧାରଣଙ୍କ ସହ ଜଳଖିଆ ଖାଇଥିଲେ। ସେଠାରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ତାହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ମୋହନ ସରକାର ଧାମନଗରକୁ ଏକ ଆଦର୍ଶ ଓ ବିକଶିତ ସହର ଭାବେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ। ଜନସାଧାରଣଙ୍କ ପାଖରେ ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ବୋଲି ମନ୍ତ୍ରୀ କହିଥିଲେ। ଧାମନଗରର ବିକାଶ ଚକକୁ ଆଗକୁ ନେବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପୁଣିଥରେ ଦୋହରାଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ, ବିଡିଓ ବନ ବିହାରୀ ଦିଣ୍ଡା, ମନ୍ତ୍ରୀଙ୍କ ଓଏସ୍‌ଡି ସମ୍ପଦ ଦଳେଇ, ନିତୀଶ ତ୍ରିପାଠୀ, ଏନ୍‌ଏସି ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଚିଲା, ବୈତରଣୀ ଘେରିବନ୍ଧର ଭୂମିପୂଜା

## ଉପକୃତ ହେବେ ୩ ପଞ୍ଚାୟତର ୮ରୁ ଊର୍ଦ୍ଧ୍ୱ ଗାଁ



ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୂମି ପୂଜା କରୁଛନ୍ତି।

ଧୁଷୁରୀ,୪।୫(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ଅସ୍ତକଠାରେ ସୋମବାର ପୂର୍ବାହ୍ନ ୧୦ଟାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈତରଣୀ ଓ କୋଚିଲା ନଦୀରେ ନୂତନ ଘେରିବନ୍ଧ ନିର୍ମାଣ ପାଇଁ ଭୂମି ପୂଜନ କରିଛନ୍ତି। ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଘେରିବନ୍ଧ ନିର୍ମାଣ ଦ୍ୱାରା ୩ ପଞ୍ଚାୟତ ହସନାବାଦ, ପଧାନୀ ଓ ଅର୍ଜୁନପୁରର ୮ରୁ ଊର୍ଦ୍ଧ୍ୱ ଗାଁ ବନ୍ୟା ଦାଉରୁ ରକ୍ଷା ପାଇବେ ତଥା ଉପକୃତ ହେବେ। ଭୂମି ପୂଜନ ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ଜେନା, ଜିଲା ଭାଜପା ଉପସଭାପତି ଚତୁର୍ଭୁଜ ନାୟକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଭାଜପା ଧୁଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ଇଂ. କିଶୋର ଦାସ, ଅରବିନ୍ଦ ପତି, ବିଦ୍ୟାଧର ରାଉତ, ରମାକାନ୍ତ କୁଅଁର, ଧରଣୀଧର ବସନ୍ତିଆ, ରଞ୍ଜନ କୁମାର ଭୂୟାଁ, ଦିଗମ୍ବର ମଲ୍ଲିକ, ରଞ୍ଜନ ମହାନ୍ତି, ଅଜୟ ବଳ, ଅରବିନ୍ଦ ଦାସ, କମଳାକାନ୍ତ ପୁହାଣ, ଧାମନଗର ଜଳ ସେଚନ ବିଭାଗ ଏସ୍‌ଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ବିମଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା

ଧୁଷୁରୀ,୪।୫(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ମହତାବନଗରସ୍ଥିତ ବାପୁଜୀ ହାଇସ୍କୁଲର ଏ-୧ ଗ୍ରେଡ୍ ପାଇଥିବା ୩ ଛାତ୍ର ଓ ଏ-୨ ଗ୍ରେଡ୍ ହାସଲ କରିଥିବା ୭ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସୋମବାର କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷକ ଅଜୟ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅନିଲ ଦାସ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ପଞ୍ଚସଖା ଶିକ୍ଷାସେତୁ କମିଟି ସଭ୍ୟ କ୍ଷୀରୋଦ କୁମାର ବଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଣଜିତ ସାହୁ, ବ୍ୟାସଦେବ ହାଇସ୍କୁଲ ଶିକ୍ଷକ ସୂର୍ଯ୍ୟମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ୫୪୬ ନମ୍ବର ହାସଲ କରିଥିବା ହିତାଂଶୁ ଶେଖର ସାହୁ, ୫୪୧ ନମ୍ବର ରଖିଥିବା ଶମ୍ଭୁନାଥ ରାଉତ ଓ ୫୪୦ ନମ୍ବର ରଖିଥିବା ସ୍ମୃତିରଞ୍ଜନ ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଦେବା ସହ ସେମାନେ ବିଦ୍ୟାଳୟର ଗୌରବ ଏବଂ ଗରିମା ବଢ଼ାଇଛନ୍ତି ବୋଲି କହିଥିଲେ। ସେହିପରି ୪୮୦ରୁ ଅଧିକ ନମ୍ବର ରଖିଥିବା ଜୟପ୍ରକାଶ ଖଟୁଆ(୫୨୨), ଦୀପ୍ତି ଦିଗଦର୍ଶିନୀ ବେହେରା(୫୧୨), ରୁଚି ସାମଲ(୪୫୭), ମେଘାରାଣୀ ବିଶ୍ୱାଳ(୪୮୫), ସୀମା ବେହେରା(୪୮୩), ଶ୍ରାବଣୀ ନାୟକ(୪୮୧) ଏବଂ ସୁଦୀପ୍ତା ସାହୁ(୪୮୦)ଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ମିଳିତ ଜନଶୁଣାଣି ଶିବିରରେ ୧୧୫ ଅଭିଯୋଗ



ପଞ୍ଜୀକରଣ ପାଇଁ ଅଭିଯୋଗକାରୀମାନେ ଧାଡ଼ିରେ ଅଛନ୍ତି।

■ସଚେତନତା ଅଭାବ, ପଞ୍ଜୀକରଣ ପାଇଁ ଲମ୍ବାଧାଡ଼ି

■୨୬ ଅଭିଯୋଗର ତତ୍କାଳ ସମାଧାନ

ଭଦ୍ରକ,୪।୫(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୧୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ, ୨୪ଟି ସାମୂହିକ ଓ ୫ଟି ରେଡ୍‌କ୍ରସ ସମ୍ବନ୍ଧୀୟ ଥିଲା। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗଦେଇ ଅଭିଯୋଗ ଶୁଣିଥିବାବେଳେ ୨୬ଟିର ତତ୍କାଳ ସମାଧାନ କରାଯାଇଥିଲା। ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଥଇଥାନ, ରାଶନ କାର୍ଡରେ ନାମ ସଂଯୋଗ, ଜଳ ନିଷ୍କାସନ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ସମ୍ବନ୍ଧୀୟ ପ୍ରମୁଖ ଅଭିଯୋଗ ରହିଥିଲା। ୫ ଆବେଦନକାରୀଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ମୋଟ ୨୨,୫୦୦ ଟଙ୍କା ସହାୟତା ମଞ୍ଜୁର କରାଯାଇଛି।

ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ରବିନାରାୟଣ ସାହୁ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ତେବେ ଅନ୍‌ଲାଇନ ପଞ୍ଜୀକରଣ ଚାଲିଥିବା ବେଳେ ସଚେତନତା ଅଭାବରୁ ପଞ୍ଜୀକରଣ ପାଇଁ ସକାଳୁ ଅଭିଯୋଗକାରୀଙ୍କର ଲମ୍ବାଧାଡ଼ି ଲାଗିଥିବା ଦେଖାଯାଇଥିଲା।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତିହିଡ଼ି,୪।୫(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମାଟ୍ରିକ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଦେବବ୍ରତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ପଣ୍ଡା ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ସଫଳତାର ପାହାଚ ଚଢ଼ାଇବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଦାସ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ନରେନ୍ଦ୍ର କୁମାର ମିଶ୍ର, ଶିକ୍ଷକ ଗୟାଧର ନାୟକ ଓ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ମୋଟ ୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫୧ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀ ଉଲକାଜ୍ୟୋତି ଦଳେଇ, ଏ-୨ରେ ୭, ବି-୧ ଓ ବି-୨ରେ ୧୦ଜଣ ଲେଖାଏ, ଅନ୍ୟ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରଘୁନାଥ ଦାସ, ଅଜୟ ବେହେରା, ସବିତାଲତା ଦାସ, ନକୁଳ ମହାଳିକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ।




ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ସହ କୃତୀ ଛାତ୍ରୀଛାତ୍ର।

# ଶଂଖାଳୀ ଗୌରୀ ସ୍ମାରକୀ ମେଧା ସମ୍ମାନ

ବନ୍ତ,୪।୫(ହରିନାରାୟଣ ମହାନ୍ତି)

କର୍ମ ଓ ନିଷ୍ଠା ବଳରେ ମଣିଷ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ସୋମବାର ବନ୍ତ ବ୍ଲକ ପଳାସଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ଶଂଖାଳୀ ଗୌରୀ ସ୍ମାରକୀ ମେଧା ସମ୍ମାନ ସମାରୋହରେ ଅତିଥିମାନେ କହିଛନ୍ତି। ଶଂଖାଳୀ ଗୌରୀ ସ୍ମାରକୀ ଟ୍ରଷ୍ଟର ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ଅତିଥି ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ, ଉଦ୍‌ଘାଟକ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ, ମୁଖ୍ୟବକ୍ତା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ଗଣିଜାଙ୍ଗସ୍ଥିତ ଏକାଡେମିକ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ନାୟକ, ଜାତୀୟ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ ଓ ଭାସ୍କର ଚନ୍ଦ୍ର ପାଢୀ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ସିବିଏସ୍‌ଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୯, ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଜଣେ, ଗଣିଜାଙ୍ଗସ୍ଥିତ ଏକାଡେମିକ ଇଣ୍ଟରନ୍ୟାଶନାଲ ସ୍କୁଲର ୩ ଏବଂ କେନ୍ଦୁଆପଦାସ୍ଥିତ ସତ୍ୟସାଇ ଗୁରୁକୁଳର ୩ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ମେଡାଲ ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ଶିକ୍ଷକ ସୁକାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ, ଟ୍ରଷ୍ଟର ଉପଦେଷ୍ଟା ଜଗନ୍ନାଥ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ବିବରଣୀ ପାଠ ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ପାତ୍ର, ରବୀନ୍ଦ୍ର କୁମାର ଜେନା, ଶ୍ୱେତପଦ୍ମା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ଛାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

# ପ୍ରତିବାଦରେ ରାସ୍ତାରୋକୋ ଆଜି

## ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବିକୁ ଉପେକ୍ଷା

ଧାମନଗର,୪।୫(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପ୍ରତି ଜିଲା ପ୍ରଶାସନର ଅବହେଳା ପ୍ରତିବାଦରେ ମଙ୍ଗଳବାର ସକାଳେ ଖଡ଼ିପଦା ଛକଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯିବ। ଦଳଗତ ନିର୍ବିଶେଷରେ ବହୁ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ ପାଇଁ ଏହି ପଞ୍ଚାୟତବାସୀ ବାରମ୍ବାର ଭଦ୍ରକ ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୩ ବର୍ଷରେ ବିଭିନ୍ନ ସମୟରେ ଜିଲାପାଳଙ୍କ ଜନଶୁଣାଣିରେ ଗାଁ ଲୋକେ ଏନେଇ ଅଭିଯୋଗ କରିଛନ୍ତି। ଏପରିକି ଗତ ଏପ୍ରିଲ ୨୭ରେ ଜିଲାପାଳ ଓ ଏସପିଙ୍କୁ ଭେଟି ମେ ୫ ସୁଦ୍ଧା ଏହି ବସ୍ ଏଠାରେ ଚଳାଚଳ ନ କଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀ ଧାମନଗର ବିଡିଓ ଏବଂ ଥାନା ଅଧିକାରୀଙ୍କୁ ଭେଟି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇଛନ୍ତି।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଗୁହାରି

ଭଣ୍ଡାରିପୋଖରୀ,୪।୫ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନେରଡା ପଞ୍ଚାୟତ ପୁରିପଡା ହରିଜନସାହି ବାସିନ୍ଦା ରାସ୍ତା ନିର୍ମାଣ ଦାବିରେ ୮ମ ଥର ଦରଖାସ୍ତ କରିଛନ୍ତି। ପୁରିପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ହରିଜନସାହିକୁ ସଂଯୋଗ କରୁଥିବା ୩୫୦ ମିଟର ବିପର୍ଯ୍ୟସ୍ତ ରାସ୍ତାକୁ ଭଲ ରାସ୍ତା ନିର୍ମାଣ ପାଇଁ ଗତ ୮ ବର୍ଷ ମଧ୍ୟରେ ୮ଥର ନିବେଦନ କରିଥିବା ଜଣାଯାଇଛି। ଗ୍ରାମର ରାଜେନ୍ଦ୍ର ମଲ୍ଲିକ, ଜିତେନ୍ଦ୍ର ମଲ୍ଲିକ, ବିଷ୍ଣୁଚରଣ ମଲ୍ଲିକ, ସବିତା ମଲ୍ଲିକ, ତରଣୀ ମଲ୍ଲିକ, କବିତା ମଲ୍ଲିକ ପ୍ରମୁଖ ସୋମବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଗୁହାରି କରିଛନ୍ତି। ଶାଳଣିଆ କେନାଲ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସହଯୋଗ କରୁ ନ ଥିବାରୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ ବୋଲି ସେମାନେ କ୍ଷୋଭର ସହ ଜଣାଇଛନ୍ତି। ରାସ୍ତା ନିର୍ମାଣ ପାଇଁ ଚୂଡ଼ାନ୍ତ ପଦକ୍ଷେପ ନେବେ ବୋଲି ଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# 'ମାଟି, ମା'ଙ୍କୁ ସମ୍ମାନ ଦେବା ପ୍ରତ୍ୟେକ ପରିବାର ସଦସ୍ୟଙ୍କ କର୍ତ୍ତବ୍ୟ'

ଭଦ୍ରକ,୪।୫(ରବିନାରାୟଣ ଖିଲାର)

ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ 'ମା' ଓ ମାଟି' (ଭୂମି) ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ମା' ଜନ୍ମ ଦେଇ ଶରୀର ଗଠନ କରୁଥିବା ବେଳେ ମାଟି ଖାଦ୍ୟ ଓ ଆଶ୍ରୟ ଦେଇ ଜୀବନ ବଞ୍ଚାଇଥାଏ। ଉଭୟ ନିସ୍ୱାର୍ଥପର ଭାବେ ସନ୍ତାନର ପାଳନ ପୋଷଣ କରନ୍ତି। ଏଣୁ ମାଟି ଓ ମା'ଙ୍କୁ ଦେବୀ ତୁଲ୍ୟ ମାନି ସମ୍ମାନ ଦେବା ପ୍ରତ୍ୟେକ ପରିବାରର ସଦସ୍ୟଙ୍କ କର୍ତ୍ତବ୍ୟ ବୋଲି ମନମୋହନ ସଙ୍ଗୀତ ପରିଷଦଠାରେ ଚାଲିଥିବା ମା' ଓ ମାଟି ମହୋତ୍ସବର ଶନିବାର ୨ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ଓ ଭୂମିକନ୍ୟା ମହିଳା ସଂଗଠନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ୍ ଉର୍ମିଳା ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ଡା.ଭାଗ୍ୟଶ୍ରୀ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, ସାମାଜିକ କର୍ମୀ ନୀଳିମା ରାୟ, ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ତେଜସ୍ୱିନୀ ସଂଗଠନ ସଭାପତି କଳ୍ପନା ଜେନା ସଭାପତିତ୍ୱ କରିଥିବା ବେଳେ ଭୂମିକନ୍ୟା ସଂଗଠନ ସଭାପତି ସଂଯୁକ୍ତା ବଳ ମଞ୍ଚ ଆମନ୍ତ୍ରଣ କରିଥିଲେ। ଆଇନଜୀବୀ ଅଞ୍ଜୁବାଳା ରାଉତ ଅତିଥି ପରିଚୟ ଓ ଉପଦେଷ୍ଟା ଦୀପାଳି ମିଶ୍ର ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟି ସଭାପତି ଇଂ. ଅଭୟ ସୂତାର, ଆବାହକ ଅଧ୍ୟକ୍ଷ ନୀହାର ରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ।




ମା' ଓ ମାଟି ମହୋତ୍ସବରେ ଉପସ୍ଥିତ ଅତିଥି।

# 'ଭଦ୍ରକର ଚାଷୀ, ମତ୍ସ୍ୟଜୀବୀ ଆମର ପ୍ରକୃତ ସମ୍ପଦ'

ଭଦ୍ରକ,୪।୫(ସନାତନ ରାଉତ)

## ଭଦ୍ରକ ବୈଶାଖୀ ମେଳାର ୮ମ ସନ୍ଧ୍ୟା

ଭଦ୍ରକର ମୃତ୍ତିକା ଓ କୃଷି ସମ୍ପଦର ସୁପରିଚାଳନା ସମଗ୍ର ଓଡ଼ିଶାର ବିକାଶ ରଥକୁ ଆଗକୁ ନେବାର ଶକ୍ତି ରଖେ। ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବାରେ ଭଦ୍ରକର ସକ୍ଷମ ରହିଛି ବୋଲି ରବିବାର ଭଦ୍ରକ ବୈଶାଖୀ ମେଳାର ୮ମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନେହେରୁ ଷ୍ଟାଡିୟମ ପରିସରରେ ଚାଲିଥିବା ବୈଶାଖୀ ମେଳାରେ ଶିକ୍ଷାବିତ୍ ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ମାଟି ଓ ମଣିଷର ସମ୍ପର୍କକୁ ନେଇ 'ଭଦ୍ରକର କୃଷି, ମୃତ୍ତିକା ଓ ମତ୍ସ୍ୟଜୀବୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, ଭଦ୍ରକର ଚାଷୀ ଓ ମତ୍ସ୍ୟଜୀବୀମାନେ ହେଉଛନ୍ତି ଆମର ପ୍ରକୃତ ସମ୍ପଦ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଯାହାର ସୁଫଳ ପ୍ରତିଟି ପରିବାର ପାଖରେ ପହଞ୍ଚିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ମୃତ୍ତିକାର ବିବିଧତା ହିଁ ଏ ଅଞ୍ଚଳର ଉଦ୍ୟାନ ଓ କୃଷିର ବିକାଶ କରିଛି ଏବଂ ଏହା ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଓ କୃଷିକବି ଇଂ. ଅରୁଣ କୁମାର ପାତ୍ର ଯୋଗ ଦେଇଥିଲେ।

ଏହି ଅବସରରେ ବିଧାୟକ ଓ ଜିଲାପାଳଙ୍କୁ ମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ରାୟ, ତ୍ୟାଗଭୂମି ସମ୍ପାଦକ ଗଦାଧର ବଳ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଇଂ. ଅଖିଳ କୁମାର ପାଢ଼ୀ, ପଦ୍ମନ ରାୟ, ସୁଧାକର ରାଉତ, ରବିନାରାୟଣ ପଣ୍ଡା, କବି ରମେଶ ଦାସ, ବାବୁଲାଲ ଦାସ, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି କୈଳାସ ପଣ୍ଡା, ନାରାୟଣ ପାଢ଼ୀ, ମନୋରଞ୍ଜନ ଦାସ, ମଦନ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ କବି ଗୌରାଙ୍ଗ ବାରିକଙ୍କ ସଭାପତିତ୍ୱରେ ମା' ଓ ମାଟିକୁ ନେଇ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ବୈଶାଖୀ ମେଳାର ୮ମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବସ୍ ମାଡ଼ିଯାଇ ଶିଶୁପୁତ୍ର ମୃତ

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବସ୍ ମାଡ଼ି ଯିବାରୁ ଏକ ଅଢ଼େଇ ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ଧାରୀ ଗ୍ରାମର ଲିପୁନ ହାଁସଦା। ବସ୍ ଚାଳକଙ୍କ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ, ବସ୍ ଯୋଗେ ଶ୍ୱଶୁର ଘର ବଡ଼ସାହି ଥାନା ଅନ୍ତର୍ଗତ ଡଙ୍ଗାଡିହା ଯିବା ପାଇଁ ଟୁନା ହାଁସଦାଙ୍କ ପରିବାର ନିଜଘର ଅନ୍ଧାରୀରୁ ଏକ ଅଟୋ ଯୋଗେ ବାରିପଦା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ତେବେ ବାରିପଦାରୁ ଚନ୍ଦନେଶ୍ୱର ଯିବାକୁ ବାହାରୁ ଥିବା ଏକ ଘରୋଇ ବସ୍ ଲିପୁନ ଓ ତାଙ୍କ ମା'ଙ୍କୁ ଧକ୍କା ଦେଇଥିଲା। ମା' ଅଳ୍ପକେ ବର୍ତ୍ତିଯାଇଥିଲା ବେଳେ ଲିପୁନଙ୍କ ଜଂଘ ଉପରେ ବସ୍‌ଚକା ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଲିପୁନଙ୍କୁ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବାରିପଦା ଟାଉନଥାନା ପୋଲିସ ବସ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ହାତୀ ଆକ୍ରମଣରେ ଜୀବନଗଲା

ମୋରଡ଼ା/ରାସଗୋବିନ୍ଦପୁର,୪।୫
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୮୬ଟି ହାତୀ ଉପଦ୍ରବ କରିବା ସହିତ ଅଞ୍ଚଳରେ ବ୍ୟାପକ ଧାନଫସଲ ନଷ୍ଟ କରୁଛନ୍ତି। ରବିବାର ବିଳମ୍ବିତ ରାତିରେ ପୋଡ଼ାପୋଡ଼ା ଗ୍ରାମକୁ ୮ ଟିକିଆ ହାତୀ ପଲ ପ୍ରବେଶ କରିଥିଲେ। ଗରମ ଯୋଗୁ ଉକ୍ତ ଗ୍ରାମର ସ୍ୱର୍ଗତ ମଙ୍ଗଲ ମୁର୍ମୁଙ୍କ ସ୍ତ୍ରୀ ବାଙ୍ଗି ମୁର୍ମୁ ଘର ବାହାରେ ଶୋଇଥିବା ସମୟରେ ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ସୋମବାର ସକାଳୁ କାନପୁର ଗ୍ରାମକୁ ଏକ ଦନ୍ତାହାତୀ ପଶିଆସିଛି। ଭୟରେ ଅନେକ ଲୋକେ କବାଟ ବନ୍ଦ କରି ଘର ଭିତରେ ରହିଥିବା ବେଳେ କିଛି ଲୋକ ହାତୀର ଫଟୋ, ଭିଡିଓ କରୁଥିବା ଦେଖିବାକୁ ମିଳିଛି। ହାତୀ ଉପଦ୍ରବ ଯୋଗୁ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ମଦ ଜବତ, ୩ ଗିରଫ

ଗୋପବନ୍ଧୁ ନଗର, ୪।୫
(ଶାନ୍ତନୁ କୁମାର ମଲ୍ଲୁଆଳ)

ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏଥି ସହ ମୋଟ ୪୩ ଲିଟର ମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଖୁଣ୍ଟାଡାହି ଗ୍ରାମର ମଙ୍ଗଲ ସିଂଙ୍କଠାରୁ ୧୨ ଲିଟର, କୁଆମରା ଗ୍ରାମର ଜଗନ୍ନାଥ ସିଂଙ୍କଠାରୁ ୧୫ ଲିଟର ଓ କାଳିଆପଦା ଗ୍ରାମର ବନ୍ଦନା ସିଂଙ୍କଠାରୁ ୧୬ ଲିଟର ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏଏସ୍ଆଇ କୃଷ୍ଣ ସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଭତ୍ତା ଅପେକ୍ଷାରେ ୨୯୨୭ ହିତାଧିକାରୀ

ବେତନଟୀ, ୪।୫ (ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ୍ ଅଧୀନ ୨୪ଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଦୁଇ ବର୍ଷ ହେବ ୨୯୨୭ ଜଣ ଯୋଗ୍ୟ ବ୍ୟକ୍ତି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ହିତାଧିକାରୀମାନେ ବାରମ୍ବାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ୍‌କୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ କେବେ ସେମାନଙ୍କୁ ଭତ୍ତା ମିଳିବ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉ ପାରିନାହିଁ। ଏଭଳିକି ଭତ୍ତା ପାଉଥିବା ବ୍ୟକ୍ତିଙ୍କ ମୃତ୍ୟୁ ହେଲାପରେ ସେହି ସ୍ଥାନରେ ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ପ୍ରଦାନ କରାଯାଉଛି। ୬୦ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନେ ମଧ୍ୟ ଭତ୍ତା ପାଇପାରିନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଆବେଦନକାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇଛି। ନିର୍ବାଚନ ପରେ ଆବେଦନ କରିଥିବା ବୃଦ୍ଧା, ବୃଦ୍ଧମାନଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ନୂତନ ସରକାର ଆସିବା ପରେ ବେତନଟୀ ବ୍ଲକ କାର୍ଯ୍ୟାଳୟକୁ ଲକ୍ଷ୍ୟ ଧାର୍ଯ୍ୟ ଆସି ନ ଥିବାରୁ ଆବେଦନକାରୀ ଭତ୍ତା ପାଇବାରେ ବିଳମ୍ବ ହୋଇଛି।

ଏ ସମ୍ପର୍କରେ କଂଗ୍ରେସର ବେତନଟୀ ବ୍ଲକ ସଭାପତି କୁଶଧର ବେହେରା କୁହନ୍ତି,

- ଲକ୍ଷ୍ୟ ଧାର୍ଯ୍ୟ ସାଜିଛି ପ୍ରତିବନ୍ଧକ
- ଜଣଙ୍କ ମୃତ୍ୟୁ ପରେ ଅନ୍ୟ ଜଣଙ୍କୁ ମିଳୁଛି

ସରକାର ନିର୍ବାଚନ ପୂର୍ବରୁ ୩୦୦୦ ଟଙ୍କା ଭତ୍ତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହାତ ଦେବା ଦୂର କଥା ୧୦୦୦ ଟଙ୍କା ଭତ୍ତା ଦେବା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି ସାମାଜିକ କର୍ମୀ ଅଜିତ କୁମାର ସାହୁ କୁହନ୍ତି, ଗ୍ରାମାଞ୍ଚଳରେ ବୃଦ୍ଧା ବୃଦ୍ଧମାନେ ଅଭାବୀ ସଂସାର ମଧ୍ୟରେ ଦିନ କାଟୁଛନ୍ତି। ସେମାନେ ଅର୍ଥ ଅଭାବରୁ ଅସୁସ୍ଥ ହେଲେ ଔଷଧ କିଣି ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ୬୦ ବର୍ଷ ପୂରଣ ହେବା ମାତ୍ରେ ଭତ୍ତା ଟଙ୍କା ସରକାର ପ୍ରଦାନ କରିଲେ ସବୁ ହିତାଧିକାରୀ ଉପକୃତ ହୋଇ ପାରିବେ। ଏ ସମ୍ପର୍କରେ ବେତନଟୀ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରୁଦ୍ରନାରାୟଣ ସିଂଘଙ୍କୁ ପଚାରିବାରୁ ୨ବର୍ଷ ମଧ୍ୟରେ ୩୭୦୦ରୁ ଊର୍ଦ୍ଧ୍ୱ ଭତ୍ତା ପାଇଁ ଆବେଦନ କରିଥିଲେ। କାଗଜପତ୍ର ଯାଞ୍ଚ ପରେ ଯୋଗ୍ୟଥିବା ୨୯୨୭ ଜଣ ହିତାଧିକାରୀଙ୍କ ନାମ ବେତନଟୀ ବ୍ଲକ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ସେଠାରୁ ମଞ୍ଜୁର ହେଲେ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବାରିପଦାରେ ଭାଜପାର ବିଜୟ ଉତ୍ସବ




ବିଜୟ ଉତ୍ସବରେ ସାମିଲ ଭାଜପା କର୍ମୀ ଓ ସମର୍ଥକମାନେ।

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟକୁ ନେଇ ଦେଶବ୍ୟାପୀ ଦଳୀୟ ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ୧୫ ବର୍ଷ ଧରି କ୍ଷମତାରେ ଥିବା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ପରାସ୍ତ କରି ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ମୟୂରଭଞ୍ଜ ଜିଲା ଭାଜପା ପକ୍ଷରୁ ବାରିପଦା ପାଲବଣୀ ଗୋଲେଇଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ କର୍ମୀମାନେ ବାଣ ଫୁଟାଇବା ସହ ଲୋକଙ୍କୁ ଝାଲମୁଢ଼ି ଓ ମିଠା ବଣ୍ଟନ କରି ଆନନ୍ଦ ଉଲ୍ଲାସରେ ମତୁଆଲା ହୋଇଥିଲେ। ବିଜୟ ଉତ୍ସବରେ ଦଳର ବହୁ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଏହି ବିଜୟ ଭାଜପା ତୃଣମୂଳ ସ୍ତରରେ ଥିବା ସଂଗଠନକୁ ଅଧିକ ମଜବୁତ କରିବା ସହ ଆଗାମୀ ନିର୍ବାଚନଗୁଡ଼ିକରେ ଦଳର ବିଜୟ ପାଇଁ ରାସ୍ତା ଦେଖାଇବ ବୋଲି କର୍ମୀମାନେ କହିଛନ୍ତି।

# ୧୬୯ ଅଭିଯୋଗର ହେଲା ଶୁଣାଣି



ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ବାରିପଦା,୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୧୪୭ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୨୨ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି। ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ସେହିପରି ଶୁଣାଣି ଶିବିରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ୫୦ ଗୋରୁ ଉଦ୍ଧାର

ଉଦଳା,୪।୫(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ଚୁଳିଆପୋଷି ଗୋରୁ ହାଟ ପଛ ପାଖ ଜଙ୍ଗଲରେ ଚାଲାଣ ପାଇଁ ବନ୍ଧା ହୋଇଥିବା ୫୦ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଉକ୍ତ ଜଙ୍ଗଲରେ ୮୦ରୁ ଊର୍ଦ୍ଧ୍ୱ ଗୋରୁ ବନ୍ଧା ଯାଇଥିବା ସୋମବାର ପୋଲିସ ଖବର ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସୂଚନା ପାଇ ଗୋ ଚାଲାଣକାରୀମାନେ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ୟ ୩୦ ଗୋରୁଙ୍କୁ ପୋଲିସ ଜଙ୍ଗଲରୁ ଉଦ୍ଧାର ନ କରି ଛାଡି ଦେଇଥିବା ସୂଚନା ମିଳିଛି।

## ୪୩ ୟୁନିଟ୍ ରକ୍ତ ସଂଗ୍ରହ

ରାଇରଙ୍ଗପୁର,୪।୫ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ରାଇରଙ୍ଗପୁର ଶାଖା ପକ୍ଷରୁ ରବିବାର ରାଇରଙ୍ଗପୁର ସବ ଡିଭିଜନାଲ ହସ୍ପିଟାଲ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ରକ୍ତଦାନ ଦାତାମାନଙ୍କଠାରୁ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଇରଙ୍ଗପୁର ସବ୍ ଡିଭିଜନାଲ ହସ୍ପିଟାଲ ରକ୍ତ ଭଣ୍ଡାର ଇନଚାର୍ଯ୍ୟ ଡା.ଏସ୍‌ଏଲ୍ ସିଂଙ୍କ ନେତୃତ୍ୱରେ ରକ୍ତ ଭଣ୍ଡାର ବିଭିନ୍ନ ପଦାଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମୟୂରଭଞ୍ଜ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ସଭାପତି ବିକାଶ ମହାନ୍ତଙ୍କ ନେତୃତ୍ୱରେ ରାଇରଙ୍ଗପୁର ଶାଖା ସଂଘର ସଦସ୍ୟ ଗଣଙ୍କ ସମେତ ସାମାଜିକ କର୍ମୀ ଦେବବ୍ରତ ହୋତା, ବିଶ୍ୱଜିତ ଗିରି, ଅଜୟ କୁମାର ମହାନ୍ତ, ସରୋଜ ସିଂହ ଏବଂ ରମେଶ ଅଗ୍ରୱାଲ ସହଯୋଗ କରିଥିଲେ। ଏହି ଅବସରରେ ରାଇରଙ୍ଗପୁର,କରଞ୍ଜିଆ,ଉଦଳା ଏବଂ ବାରିପଦା ସମେତ ୪ଟି ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜିତ କରାଯାଇ ମୋଟ ୨୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ବାଲ୍ୟ ବିବାହ ବନ୍ଦକଲା ପୋଲିସ

ଉଦଳା,୪।୫ (ସନ୍ତୋଷ କୁମାର ବାଛିନୀ)

ଘରେ ସଜ୍ଜା ସରିଥିଲା ତୋରଣ, ଆସିଥିଲେ ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟ। ଗାଁ ମୁଣ୍ଡରେ ପହଞ୍ଚି ସାରିଥିଲା ବର। ହେଲେ ଅଚାନକ ଗାଁରେ ପହଞ୍ଚି ବିବାହ ପାଇଁ ଘର ଭିତରେ ବସିଥିବା ନାବାଳିକା କନ୍ୟାଙ୍କୁ ଉଠାଇ ନେଲା ପୋଲିସ। ଉଦଳା ଥାନା ଡାଙ୍ଗରବୁଆ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଘଟଣା।

ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଗ୍ରାମରେ ଏକ ବାଲ୍ୟ ବିବାହ ଚାଲିଥିବା ଉଦଳା ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ପରେ ଶ୍ରୀଦାମଚନ୍ଦ୍ରପୁର ଅଞ୍ଚଳର ସୁପରଭାଇଜର ସୁବର୍ଣ୍ଣ ମଞ୍ଜରୀ ବେହେରା ଉଦଳା ପୋଲିସକୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିବାହସ୍ଥଳରେ ପହଞ୍ଚିବା ପରେ କନ୍ୟାଙ୍କର ଆଧାର କାର୍ଡ ସମେତ ଅନ୍ୟ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ବାଲ୍ୟ ବିବାହ ହେଉଥିବା ଅଧିକାରୀ ଏବଂ ପୋଲିସ ଜାଣିବାକୁ ପାଇଥିଲେ। ନାବାଳିକାଙ୍କୁ ଥାନାକୁ ନେବା ସହିତ ବାଲ୍ୟ ବିବାହ ବନ୍ଦ କରିଥିଲା ପୋଲିସ।

## ମନ ମୋହିଲା ନାଟକ 'ଚିଠି'

ବାରିପଦା,୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ଓମ୍ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ଚିଠି' ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଙ୍ଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ମଞ୍ଚସ୍ଥ ହୋଇଯାଇଛି । ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକଟିରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି ଓ ଆଦ୍ୟାଶା ଅଭିନୟ କରିଥିବା ବେଳେ ସହ ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା । ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା। ଇତି ମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବା ବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ୍ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି। ଅଧ୍ୟାପକ ତଥା ପୁଅବୋହୂ ମିଶି ଚିଠିଗୁଡ଼ିକୁ ହାତେଇବା ପାଇଁ ଚେଷ୍ଟା କରନ୍ତି। ନାତୁଣୀଠାରୁ ଏକଥା ଜାଣି ସେ ଜୀବନ ଯାଉପଛେ ବିକ୍ରି କରିବାକୁ ନ ଦେବା ପାଇଁ ଚିଠି ସବୁ ଗିଳିଦେଇ ମୃତ୍ୟବରଣ କରନ୍ତି। ଏମିତି ଏକ ଘଟଣାବଳୀ ଉପରେ ଆଧାରିତ ନାଟକରେ ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।

# କେନାଲ ବନ୍ଧ ରାସ୍ତା ଶୋଚନୀୟ, ମରାମତି ଦାବି

କପ୍ତିପଦା,୪।୫ (ବିଷ୍ଣୁ ଚରଣ ପୁଥାଳ)

କପ୍ତିପଦା ବ୍ଲକ ଅଧୀନ ସୁନେଇ ଜଳସେଚନ ବିଭାଗର ଜଡ଼ିଦାଠାରୁ ଗୌଡ଼ଗାଁ ପର୍ଯ୍ୟନ୍ତ ଯାଇଥିବା ସବ୍‌ମାଇନର କେନାଲ ବନ୍ଧ ରାସ୍ତାଟି ଏବେ ଶୋଚନୀୟ ହୋଇ ପଡ଼ିଛି। ଫଳରେ ଯାତାୟତରେ ବହୁ ଅସୁବିଧା ହେଉଛି। ଏହି ରାସ୍ତା ଦେଇ ବାଘମରା ଗ୍ରାମରୁ ବହୁ ଛାତ୍ରୀଛାତ୍ର ଦୈନନ୍ଦିନ ପାଠ ପଢ଼ିବାକୁ ବଡ଼ଖଲାଡ଼ି ଉଚ୍ଚ ବିଦ୍ୟାଳୟକୁ ଯାଆସ କରୁଥିବା ବେଳେ ଜଡ଼ିଦା, ବାଘମରା ତଥା ଅନ୍ୟାନ୍ୟ ଗ୍ରାମର ଲୋକେ ଖଲାଡ଼ିରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତଥା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମଧ୍ୟ ଆସିଥାନ୍ତି। ଏହି ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପଡ଼େ। ଏଣୁ ଲୋକେ ୨କିମି ରାସ୍ତା ପରିବର୍ତ୍ତେ ୮କିମି ରାସ୍ତା ଦେଇ ଆସିବାକୁ ବାଧ୍ୟ ହୋଇଥାନ୍ତି।



ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା।

ଏ ନେଇ ସୁନେଇ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ରାଜକିଶୋର ପାତ୍ରଙ୍କୁ ପଚାରିବାରୁ ବର୍ତ୍ତମାନ ଏମ୍‌ଜିଏନ୍‌ଆର୍‌ଜିଏସ୍ କାମ ବନ୍ଦ ଅଛି। ସରକାରଙ୍କ ପକ୍ଷରୁ ଏହି ଯୋଜନାରେ କାମ ଆରମ୍ଭ ହେଲେ ରାସ୍ତା ମରାମତି ହୋଇପାରିବ। ନଚେତ ବିଭାଗ ପକ୍ଷରୁ ଅନ୍ୟ କୌଣସି ପ୍ରକାର ଅର୍ଥରେ ଏହିରାସ୍ତା କାମଟି କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ବର୍ଷାଦିନ ପୂର୍ବରୁ ଏହି କେନାଲ ବନ୍ଧ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକୋତ୍ସବ

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରାଧ୍ୟାପକ ଚିତ୍ରସେନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ତଥା ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରତିଷ୍ଠାନ କଟକର ଅଧ୍ୟକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୂର ଗଡ଼ର ବାର୍ତ୍ତା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ଶିକ୍ଷକ ପ୍ରଶିକ୍ଷିକା ରୂପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଡାଇନାମିକ୍ ଇଲେଭେନ୍ ଚାମ୍ପିୟନ

ଉଦଳା,୪।୫ (ସନ୍ତୋଷ କୁମାର ବାଛିନୀ)

**ଜିପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଉଦଳାଠାରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଜିପିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୮ଟି ଟିମ୍‌କୁ ନେଇ ଆୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ଖଲାଡି ଏଭେଞ୍ଜର ଏବଂ ଡାଇନାମିକ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଖଲାଡି ଏଭେଞ୍ଜର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୩ ରନ କରିଥିଲା। ଜବାବରେ ଡାଇନାମିକ ଇଲେଭେନ ଟିମ ୯ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ଚାମ୍ପିୟନ ହୋଇଥିଲା। ଶୁଭଙ୍କର ସିଂ ମ୍ୟାନ ଅଫ ଦି ମ୍ୟାଚ ଏବଂ ରାହୁଲ ପାତ୍ର ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ ହୋଇଥିଲେ। ମୟୁରଭଞ୍ଜ ଆଦିବାସୀ ୟୁଥ ଆସୋସିଏସନର ଜିଲା ସମ୍ପାଦକ ସୌମ୍ୟ ରଞ୍ଜନ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଓ ପୀଡ଼ିତ ପରିବାର ପ୍ରତି ଅମାନୁଷିକ ଅତ୍ୟାଚାରକୁ ନେଇ ବଜରଙ୍ଗ ସେନା ପକ୍ଷରୁ ନ୍ୟାୟ ଦାବି କରାଯାଇଛି। ଘଟଣାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଚେତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଛନ୍ତି। ଏନେଇ ସେନାର ଅନୁସୂଚୀତ ଜନଜାତି ମୋର୍ଚ୍ଚା ସଭାପତି ବଳାୟ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ଜିଲା ପ୍ରଶାସନ, ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ମୃତ ଛାତ୍ରୀଙ୍କୁ ନେଇ ଯାଇଥିବା ସ୍ୱର୍ଗରଥକୁ କିଛି ଅସାଧୁ ଲୋକେ ସ୍କୁଲ ସମ୍ମୁଖରେ ରଖି ପରିବାର ସହ ଗାଡ଼ିକୁ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ଏପରିକି ଅର୍ତ୍ତିକତ ଆକ୍ରମଣ କରିବା ଦ୍ୱାରା ପୋଲିସ ଓ ବିଭାଗୀୟ ଅଧିକାରୀଙ୍କ ସମେତ ସ୍କୁଲ କର୍ମଚାରୀମାନେ ଆହତ ହୋଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ମୃତ ଛାତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତେବେ ସ୍ୱର୍ଗରଥ ଓ ପରିବାର ଲୋକଙ୍କୁ ଜୀବନରେ ମାରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏକ ଆଦିବାସୀ ପରିବାର ପ୍ରତି ହୋଇଥିବା ଅକଥନୀୟ ଘଟଣା ଅତ୍ୟନ୍ତ ଅମାନବୀୟ, ସ୍ପର୍ଶକାତର ଓ ନିନ୍ଦନୀୟ ଘଟଣା ବୋଲି ବଜରଙ୍ଗ ସେନାର କର୍ମକର୍ତ୍ତାମାନେ ଦାବିରେ ଉଲ୍ଲେଖ କରିଛନ୍ତି। ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ଘଟଣା ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର କାର୍ତ୍ତିକ ମହାନ୍ତ, ବ୍ୟୋମକେଶ ଶେଜପଡା, ଶିବ ବେହେରା, ମନୋଜ ବେହେରା, କମଳଲୋଚନ ରାଓ, ସୁମନ୍ତ ଦାସ, ବିମଳ ଦାସ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।



ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଭତ୍ତା ଅପେକ୍ଷାରେ ୨୯୨୭ ହିତାଧିକାରୀ

ବେତନଟୀ, ୪।୫ (ଧରଣୀଧର ମହାନ୍ତି)

- ଲକ୍ଷ୍ୟ ଧାର୍ଯ୍ୟ ସାଜିଛି ପ୍ରତିବନ୍ଧକ
- ଜଣଙ୍କ ମୃତ୍ୟୁ ପରେ ଅନ୍ୟ ଜଣଙ୍କୁ ମିଳୁଛି

ବେତନଟୀ ବ୍ଲକ୍ ଅଧୀନ ୨୪ଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଦୁଇ ବର୍ଷ ହେବ ୨୯୨୭ ଜଣ ଯୋଗ୍ୟ ବ୍ୟକ୍ତି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ହିତାଧିକାରୀମାନେ ବାରମ୍ବାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକକୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ କେବେ ସେମାନଙ୍କୁ ଭତ୍ତା ମିଳିବ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉ ପାରିନାହିଁ। ଏଭଳିକି ଭତ୍ତା ପାଉଥିବା ବ୍ୟକ୍ତିଙ୍କ ମୃତ୍ୟୁ ହେଲାପରେ ସେହି ସ୍ଥାନରେ ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ପ୍ରଦାନ କରାଯାଉଛି। ୬୦ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନେ ମଧ୍ୟ ଭତ୍ତା ପାଇପାରିନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଆବେଦନକାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇଛି। ନିର୍ବାଚନ ପରେ ଆବେଦନ କରିଥିବା ବୃଦ୍ଧା, ବୃଦ୍ଧମାନଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ନୂତନ ସରକାର ଆସିବା ପରେ ବେତନଟୀ ବ୍ଲକ କାର୍ଯ୍ୟାଳୟକୁ ଲକ୍ଷ୍ୟ ଧାର୍ଯ୍ୟ ଆସି ନ ଥିବାରୁ ଆବେଦନକାରୀ ଭତ୍ତା ପାଇବାରେ ବିଳମ୍ବ ହୋଇଛି।

ଏ ସମ୍ପର୍କରେ କଂଗ୍ରେସର ବେତନଟୀ ବ୍ଲକ ସଭାପତି କୁଶଧର ବେହେରା କୁହନ୍ତି, ସରକାର ନିର୍ବାଚନ ପୂର୍ବରୁ ୩୦୦୦ ଟଙ୍କା ଭତ୍ତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହାତ ଦେବା ଦୂର କଥା ୧୦୦୦ ଟଙ୍କା ଭତ୍ତା ଦେବା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି ସାମାଜିକ କର୍ମୀ ଅଜିତ କୁମାର ସାହୁ କୁହନ୍ତି, ଗ୍ରାମାଞ୍ଚଳରେ ବୃଦ୍ଧା ବୃଦ୍ଧମାନେ ଅଭାବୀ ସଂସାର ମଧ୍ୟରେ ଦିନ କାଟୁଛନ୍ତି। ସେମାନେ ଅର୍ଥ ଅଭାବରୁ ଅସୁସ୍ଥ ହେଲେ ଔଷଧ କିଣି ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ୬୦ ବର୍ଷ ପୂରଣ ହେବା ମାତ୍ରେ ଭତ୍ତା ଟଙ୍କା ସରକାର ପ୍ରଦାନ କରିଲେ ସବୁ ହିତାଧିକାରୀ ଉପକୃତ ହୋଇ ପାରିବେ। ଏ ସମ୍ପର୍କରେ ବେତନଟୀ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରୁଦ୍ରନାରାୟଣ ସିଂଙ୍କୁ ପଚାରିବାରୁ ୨ବର୍ଷ ମଧ୍ୟରେ ୩୭୦୦ରୁ ଊର୍ଦ୍ଧ୍ୱ ଭତ୍ତା ପାଇଁ ଆବେଦନ କରିଥିଲେ। କାଗଜପତ୍ର ଯାଞ୍ଚ ପରେ ଯୋଗ୍ୟଥିବା ୨୯୨୭ ଜଣ ହିତାଧିକାରୀଙ୍କ ନାମ ବେତନଟୀ ବ୍ଲକ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ସେଠାରୁ ମଞ୍ଜୁର ହେଲେ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବସ୍ ମାଡ଼ିଯାଇ ଶିଶୁପୁତ୍ର ମୃତ

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବସ୍ ମାଡ଼ି ଯିବାରୁ ଏକ ଅଢ଼େଇ ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ଧାରୀ ଗ୍ରାମର ଲିପୁନ ହାଁସଦା। ବସ୍ ଚାଳକଙ୍କ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ, ବସ୍ ଯୋଗେ ଶ୍ୱଶୁର ଘର ବଡ଼ସାହି ଥାନା ଅନ୍ତର୍ଗତ ଡଙ୍ଗାଡିହା ଯିବା ପାଇଁ ଚୁନା ହାଁସଦାଙ୍କ ପରିବାର ନିଜଘର ଅନ୍ଧାରୀରୁ ଏକ ଅଟୋ ଯୋଗେ ବାରିପଦା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ତେବେ ବାରିପଦାରୁ ଚନ୍ଦନେଶ୍ୱର ଯିବାକୁ ବାହାରୁ ଥିବା ଏକ ଘରୋଇ ବସ୍ ଲିପୁନ ଓ ତାଙ୍କ ମା'ଙ୍କୁ ଧକ୍କା ଦେଇଥିଲା। ମା' ଅଳ୍ପକେ ବର୍ତ୍ତିଯାଇଥିଲା ବେଳେ ଲିପୁନଙ୍କ ଜଂଘ ଉପରେ ବସ୍‌ଚକା ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଲିପୁନଙ୍କୁ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବାରିପଦା ଟାଉନଥାନା ପୋଲିସ ବସ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ହାତୀ ଆକ୍ରମଣରେ ଜୀବନଗଲା

ମୋରଡ଼ା/ରାସଗୋବିନ୍ଦପୁର,୪।୫
(ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୮୬ଟି ହାତୀ ଉପଦ୍ରବ କରିବା ସହିତ ଅଞ୍ଚଳରେ ବ୍ୟାପକ ଧାନଫସଲ ନଷ୍ଟ କରୁଛନ୍ତି। ରବିବାର ବିଳମ୍ବିତ ରାତିରେ ପୋଡ଼ାପୋଡ଼ା ଗ୍ରାମକୁ ୮ ଟିକିଆ ହାତୀ ପଲ ପ୍ରବେଶ କରିଥିଲେ। ଗରମ ଯୋଗୁ ଉକ୍ତ ଗ୍ରାମର ସ୍ୱର୍ଗତ ମଙ୍ଗଲ ମୁର୍ମୁଙ୍କ ସ୍ତ୍ରୀ ବାଙ୍ଗି ମୁର୍ମୁ ଘର ବାହାରେ ଶୋଇଥିବା ସମୟରେ ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ସୋମବାର ସକାଳୁ କାନପୁର ଗ୍ରାମକୁ ଏକ ଦନ୍ତାହାତୀ ପଶିଆସିଛି। ଭୟରେ ଅନେକ ଲୋକେ କବାଟ ବନ୍ଦ କରି ଘର ଭିତରେ ରହିଥିବା ବେଳେ କିଛି ଲୋକ ହାତୀର ଫଟୋ, ଭିଡିଓ କରୁଥିବା ଦେଖିବାକୁ ମିଳିଛି। ହାତୀ ଉପଦ୍ରବ ଯୋଗୁ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ମଦ ଜବତ, ୩ ଗିରଫ

ଗୋପବନ୍ଧୁ ନଗର, ୪।୫
(ଶାନ୍ତନୁ କୁମାର ମଣ୍ଡୁଆଳ)

ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏଥି ସହ ମୋଟ ୪୩ ଲିଟର ମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଖୁଣ୍ଟାଡାହି ଗ୍ରାମର ମଙ୍ଗଲ ସିଂଙ୍କଠାରୁ ୧୨ ଲିଟର, କୁଆମରା ଗ୍ରାମର ଜଗନ୍ନାଥ ସିଂଙ୍କଠାରୁ ୧୫ ଲିଟର ଓ କାଳିଆପଦା ଗ୍ରାମର ବନ୍ଦନା ସିଂଙ୍କଠାରୁ ୧୬ ଲିଟର ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏଏସ୍‌ଆଇ କୃଷ୍ଣ ସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ୧୬୯ ଅଭିଯୋଗର ହେଲା ଶୁଣାଣି


ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ବାରିପଦା,୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୧୪୭ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୨୨ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି। ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ସେହିପରି ଶୁଣାଣି ଶିବିରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## କେନାଲ ବନ୍ଧ ରାସ୍ତା ଶୋଚନୀୟ, ମରାମତି ଦାବି

କପ୍ତିପଦା,୪।୫ (ବିଷ୍ଣୁ ଚରଣ ପୁଥାଳ)

କପ୍ତିପଦା ବ୍ଲକ ଅଧୀନ ସୁନେଇ ଜଳସେଚନ ବିଭାଗର ଜଡ଼ିଦାଠାରୁ ଗୌଡ଼ଗାଁ ପର୍ଯ୍ୟନ୍ତ ଯାଇଥିବା ସବ୍‌ମାଇନର କେନାଲ ବନ୍ଧ ରାସ୍ତାଟି ଏବେ ଶୋଚନୀୟ ହୋଇ ପଡ଼ିଛି। ଫଳରେ ଯାତାୟତରେ ବହୁ ଅସୁବିଧା ହେଉଛି। ଏହି ରାସ୍ତା ଦେଇ ବାଘମରା ଗ୍ରାମରୁ ବହୁ ଛାତ୍ରୀଛାତ୍ର ଦୈନନ୍ଦିନ ପାଠ ପଢ଼ିବାକୁ ବଡ଼ଖଲାଡ଼ି ଉଚ୍ଚ ବିଦ୍ୟାଳୟକୁ ଯାଆସ କରୁଥିବା ବେଳେ ଜଡ଼ିଦା, ବାଘମରା ତଥା ଅନ୍ୟାନ୍ୟ ଗ୍ରାମର ଲୋକେ ଖଲାଡ଼ିରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତଥା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମଧ୍ୟ ଆସିଥାନ୍ତି। ଏହି ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପଡ଼େ। ଏଣୁ ଲୋକେ ୨କିମି ରାସ୍ତା ପରିବର୍ତ୍ତେ ୮କିମି ରାସ୍ତା ଦେଇ ଆସିବାକୁ ବାଧ୍ୟ ହୋଇଥାନ୍ତି।


ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା।

ଏ ନେଇ ସୁନେଇ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ରାଜକିଶୋର ପାତ୍ରଙ୍କୁ ପଚାରିବାରୁ ବର୍ତ୍ତମାନ ଏମ୍‌ଜିଏନ୍‌ଆର୍‌ଜିଏସ୍ କାମ ବନ୍ଦ ଅଛି। ସରକାରଙ୍କ ପକ୍ଷରୁ ଏହି ଯୋଜନାରେ କାମ ଆରମ୍ଭ ହେଲେ ରାସ୍ତା ମରାମତି ହୋଇପାରିବ। ନଚେତ ବିଭାଗ ପକ୍ଷରୁ ଅନ୍ୟ କୌଣସି ପ୍ରକାର ଅର୍ଥରେ ଏହିରାସ୍ତା କାମଟି କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ବର୍ଷାଦିନ ପୂର୍ବରୁ ଏହି କେନାଲ ବନ୍ଧ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାରିପଦାରେ ଭାଜପାର ବିଜୟ ଉତ୍ସବ


ବିଜୟ ଉତ୍ସବରେ ସାମିଲ ଭାଜପା କର୍ମୀ ଓ ସମର୍ଥକମାନେ।

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟକୁ ନେଇ ଦେଶବ୍ୟାପୀ ଦଳୀୟ ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ୧୫ ବର୍ଷ ଧରି କ୍ଷମତାରେ ଥିବା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ପରାସ୍ତ କରି ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ମୟୂରଭଞ୍ଜ ଜିଲା ଭାଜପା ପକ୍ଷରୁ ବାରିପଦା ପାଲବଣୀ ଗୋଲେଇଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ କର୍ମୀମାନେ ବାଣ ଫୁଟାଇବା ସହ ଲୋକଙ୍କୁ ଝାଲମୁଢ଼ି ଓ ମିଠା ବଣ୍ଟନ କରି ଆନନ୍ଦ ଉଲ୍ଲାସରେ ମତୁଆଲା ହୋଇଥିଲେ। ବିଜୟ ଉତ୍ସବରେ ଦଳର ବହୁ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଏହି ବିଜୟ ଭାଜପା ତୃଣମୂଳ ସ୍ତରରେ ଥିବା ସଂଗଠନକୁ ଅଧିକ ମଜବୁତ କରିବା ସହ ଆଗାମୀ ନିର୍ବାଚନଗୁଡ଼ିକରେ ଦଳର ବିଜୟ ପାଇଁ ରାସ୍ତା ଦେଖାଇବ ବୋଲି କର୍ମୀମାନେ କହିଛନ୍ତି।

## ୫୦ ଗୋରୁ ଉଦ୍ଧାର

ଉଦଳା,୪।୫(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ଚୁଳିଆପୋଷି ଗୋରୁ ହାଟ ପଛ ପାଖ ଜଙ୍ଗଲରେ ଚାଲାଣ ପାଇଁ ବନ୍ଧା ହୋଇଥିବା ୫୦ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଉକ୍ତ ଜଙ୍ଗଲରେ ୮୦ରୁ ଊର୍ଦ୍ଧ୍ୱ ଗୋରୁ ବନ୍ଧା ଯାଇଥିବା ସୋମବାର ପୋଲିସ ଖବର ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସୂଚନା ପାଇ ଗୋ ଚାଲାଣକାରୀମାନେ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ୟ ୩୦ ଗୋରୁଙ୍କୁ ପୋଲିସ ଜଙ୍ଗଲରୁ ଉଦ୍ଧାର ନ କରି ଛାଡି ଦେଇଥିବା ସୂଚନା ମିଳିଛି।

## ୪୩ ୟୁନିଟ୍ ରକ୍ତ ସଂଗ୍ରହ

ରାଇରଙ୍ଗପୁର,୪।୫ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ରାଇରଙ୍ଗପୁର ଶାଖା ପକ୍ଷରୁ ରବିବାର ରାଇରଙ୍ଗପୁର ସବ ଡିଭିଜନାଲ ହସ୍ପିଟାଲ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ରକ୍ତଦାନ ଦାତାମାନଙ୍କଠାରୁ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଇରଙ୍ଗପୁର ସବ୍ ଡିଭିଜନାଲ ହସ୍ପିଟାଲ ରକ୍ତ ଭଣ୍ଡାର ଇନଚାର୍ଯ୍ୟ ଡା.ଏସ୍‌ଏଲ୍ ସିଂଙ୍କ ନେତୃତ୍ୱରେ ରକ୍ତ ଭଣ୍ଡାର ବିଭିନ୍ନ ପଦାଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମୟୂରଭଞ୍ଜ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ସଭାପତି ବିକାଶ ମହାନ୍ତଙ୍କ ନେତୃତ୍ୱରେ ରାଇରଙ୍ଗପୁର ଶାଖା ସଂଘର ସଦସ୍ୟ ଗଣଙ୍କ ସମେତ ସାମାଜିକ କର୍ମୀ ଦେବବ୍ରତ ହୋତା, ବିଶ୍ୱଜିତ ଗିରି, ଅଜୟ କୁମାର ମହାନ୍ତ, ସରୋଜ ସିଂହ ଏବଂ ରମେଶ ଅଗ୍ରୱାଲ ସହଯୋଗ କରିଥିଲେ। ଏହି ଅବସରରେ ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଏବଂ ବାରିପଦା ସମେତ ୪ଟିଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜିତ କରାଯାଇ ମୋଟ ୨୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ବାଲ୍ୟ ବିବାହ ବନ୍ଦକଲା ପୋଲିସ

ଉଦଳା,୪।୫ (ସନ୍ତୋଷ କୁମାର ବାଛିନୀ)

ଘରେ ସଜ୍ଜା ସରିଥିଲା ତୋରଣ, ଆସିଥିଲେ ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟ। ଗାଁ ମୁଣ୍ଡରେ ପହଞ୍ଚି ସାରିଥିଲା ବର। ହେଲେ ଅଚାନକ ଗାଁରେ ପହଞ୍ଚି ବିବାହ ପାଇଁ ଘର ଭିତରେ ବସିଥିବା ନାବାଳିକା କନ୍ୟାଙ୍କୁ ଉଠାଇ ନେଲା ପୋଲିସ। ଉଦଳା ଥାନା ଡାଙ୍ଗରଚୁଆ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଘଟଣା।

ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଗ୍ରାମରେ ଏକ ବାଲ୍ୟ ବିବାହ ଚାଲିଥିବା ଉଦଳା ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ପରେ ଶ୍ରୀଦାମଚନ୍ଦ୍ରପୁର ଅଞ୍ଚଳର ସୁପରଭାଇଜର ସୁବର୍ଣ୍ଣ ମଞ୍ଜରୀ ବେହେରା ଉଦଳା ପୋଲିସକୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିବାହସ୍ଥଳରେ ପହଞ୍ଚିବା ପରେ କନ୍ୟାଙ୍କର ଆଧାର କାର୍ଡ ସମେତ ଅନ୍ୟ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ବାଲ୍ୟ ବିବାହ ହେଉଥିବା ଅଧିକାରୀ ଏବଂ ପୋଲିସ ଜାଣିବାକୁ ପାଇଥିଲେ। ନାବାଳିକାଙ୍କୁ ଥାନାକୁ ନେବା ସହିତ ବାଲ୍ୟ ବିବାହ ବନ୍ଦ କରିଥିଲା ପୋଲିସ।

## ମନ ମୋହିଲା ନାଟକ 'ଚିଠି'

ବାରିପଦା,୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ଓମ୍ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ଚିଠି' ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଙ୍ଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ମଞ୍ଚସ୍ଥ ହୋଇଯାଇଛି । ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକଟିରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି ଓ ଆଦ୍ୟାଶା ଅଭିନୟ କରିଥିବା ବେଳେ ସହ ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା । ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା। ଇତି ମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବା ବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ୍ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି। ଅଧ୍ୟାପକ ତଥା ପୁଅ‌ବୋହୂ ମିଶି ଚିଠିଗୁଡ଼ିକୁ ହାତେଇବା ପାଇଁ ଚେଷ୍ଟା କରନ୍ତି। ନାତୁଣୀଠାରୁ ଏକଥା ଜାଣି ସେ ଜୀବନ ଯାଉପଛେ ବିକ୍ରି କରିବାକୁ ନ ଦେବା ପାଇଁ ଚିଠି ସବୁ ଗିଳିଦେଇ ମୃତ୍ୟୁବରଣ କରନ୍ତି। ଏମିତି ଏକ ଘଟଣାବଳୀ ଉପରେ ଆଧାରିତ ନାଟକରେ ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକୋତ୍ସବ

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରାଧ୍ୟାପକ ଚିତ୍ରସେନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ତଥା ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରତିଷ୍ଠାନ କଟକର ଅଧ୍ୟକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୂର ଗଡ଼ର ବାର୍ତ୍ତା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷିକା ରୂପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଡାଇନାମିକ୍ ଇଲେଭେନ୍ ଚାମ୍ପିୟନ

ଉଦଳା,୪।୫ (ସନ୍ତୋଷ କୁମାର ବାଛିନୀ)

### ଜିପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଉଦଳାଠାରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଜିପିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୮ଟି ଟିମ୍‌କୁ ନେଇ ଆୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ଖଲାଡି ଏଭେଞ୍ଜର ଏବଂ ଡାଇନାମିକ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଖଲାଡି ଏଭେଞ୍ଜର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୩ ରନ କରିଥିଲା। ଜବାବରେ ଡାଇନାମିକ ଇଲେଭେନ ଟିମ ୯ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ଚାମ୍ପିୟନ ହୋଇଥିଲା। ଶୁଭଙ୍କର ସିଂ ମ୍ୟାନ ଅଫ ଦି ମ୍ୟାଚ ଏବଂ ରାହୁଲ ପାତ୍ର ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ ହୋଇଥିଲେ। ମୟୂରଭଞ୍ଜ ଆଦିବାସୀ ୟୁଥ ଆସୋସିଏସନର ଜିଲା ସମ୍ପାଦକ ସୌମ୍ୟ ରଞ୍ଜନ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା

ବାରିପଦା,୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଓ ପୀଡ଼ିତ ପରିବାର ପ୍ରତି ଅମାନୁଷିକ ଅତ୍ୟାଚାରକୁ ନେଇ ବଜରଙ୍ଗ ସେନା ପକ୍ଷରୁ ନ୍ୟାୟ ଦାବି କରାଯାଇଛି। ଘଟଣାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଚେତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଛନ୍ତି। ଏନେଇ ସେନାର ଅନୁସୂଚୀତ ଜନଜାତି ମୋର୍ଚ୍ଚା ସଭାପତି ବଳାୟ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ଜିଲା ପ୍ରଶାସନ, ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ମୃତ ଛାତ୍ରୀଙ୍କୁ ନେଇ ଯାଇଥିବା ସ୍ୱର୍ଗରଥକୁ କିଛି ଅସାଧୁ ଲୋକେ ସ୍କୁଲ ସମ୍ମୁଖରେ ରଖି ପରିବାର ସହ ଗାଡ଼ିକୁ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ଏପରିକି ଅର୍ତ୍କିତ ଆକ୍ରମଣ କରିବା ଦ୍ୱାରା ପୋଲିସ ଓ ବିଭାଗୀୟ ଅଧିକାରୀଙ୍କ ସମେତ ସ୍କୁଲ କର୍ମଚାରୀମାନେ ଆହତ ହୋଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ମୃତ ଛାତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତେବେ ସ୍ୱର୍ଗରଥ ଓ ପରିବାର ଲୋକଙ୍କୁ ଜୀବନରେ ମାରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏକ ଆଦିବାସୀ ପରିବାର ପ୍ରତି ହୋଇଥିବା ଅକଥନୀୟ ଘଟଣା ଅତ୍ୟନ୍ତ ଅମାନବୀୟ, ସ୍ପର୍ଶକାତର ଓ ନିନ୍ଦନୀୟ ଘଟଣା ବୋଲି ବଜରଙ୍ଗ ସେନାର କର୍ମକର୍ତ୍ତାମାନେ ଦାବିରେ ଉଲ୍ଲେଖ କରିଛନ୍ତି। ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ଘଟଣା ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର କାର୍ତ୍ତିକ ମହାନ୍ତ, ବ୍ୟୋମକେଶ ଶେଜପଡା, ଶିବ ବେହେରା, ମନୋଜ ବେହେରା, କମଳଲୋଚନ ରାଓ, ସୁମନ୍ତ ଦାସ, ବିମଳ ଦାସ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।

